শ্রী হরিঃ

ବସୁଦେବସୁତଂ ଦେବଂ କଂସଚାଣୂରମର୍ଦ୍ଦନମ୍ ।
ଦେବକୀପରମାନନ୍ଦଂ କୃଷ୍ଣଂ ବନ୍ଦେ ଜଗଦ୍‌ଗୁରୁମ୍ ।।

।। ଶ୍ରୀମଦ୍‌ଭଗବଦ୍ଗୀତା ବିବେଚନ ସାରାଂଶ ।।

**ଅଧ୍ୟାୟ | 15: ପୁରୁଷୋତ୍ତମ ଯୋଗ**

2/2 (ଶ୍ଲୋକ 7-20), ଶନିବାର, 14 ଅକ୍ଟୋବର 2023

**ଅନୁବାଦକ: ଗୀତା ବିଶାରଦ ଡାଃ ଆଶୂ ଗୋୟଲ ଜୀ**

ୟୁଟ୍ୟୁବ୍ ଲିଙ୍କ୍ |: https://youtu.be/bYLe_8gbY60

# ଈଶ୍ୱର ପ୍ରାପ୍ତିର ପନ୍ଥା

ପ୍ରାର୍ଥନା ଓ ଦ୍ୱୀପ ପ୍ରଜ୍ୱଳନ ପରେ ଏହି ଦିବ୍ୟ ବିବେଚନ ସତ୍ରର ପ୍ରାରମ୍ଭ ହୁଏ। ଭଗବାନଙ୍କର ଅସୀମ କରୁଣା, ପୂର୍ବଜନ୍ମର ଆମ୍ଭର ସୁକୃତ ଓ ଆମ୍ଭ ପୂର୍ବପୁରୁଷମାନଙ୍କ ଆଶୀର୍ବାଦ ହେତୁ ଆଜି ଆମେ ଭଗବଦ୍ଗୀତା ସାଧନା କରିବାକୁ ମନ ବଳାଇଛୁ । ବହୁ ପୁରାକାଳରୁ ମହାପୁରୁଷମାନେ କହିଆସିଛନ୍ତି କି ଭଗବଦ୍ଗୀତା ଏକ ଅଦ୍ୱିତୀୟ କଲ୍ୟାଣକାରୀ ଶାସ୍ତ୍ର। ଏହାର ମନନ ଚିନ୍ତନ କେବଳ ଭଗବାନଙ୍କ କୃପାପାତ୍ର ହୋଇଥିଲେ ହିଁ ସମ୍ଭବ ହୋଇପାରେ।

ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଗୀତାର ଏହି ପଞ୍ଚଦଶୋଽଧ୍ୟାୟଟିକୁ ଏକ ଶାସ୍ତ୍ରର ମାନ୍ୟତା ଦେଇଛନ୍ତି। ଓଲଟା ବୃକ୍ଷ ସହ ସଂସାରକୁ ତୁଳନା କରି ଏହାର ସୃଷ୍ଟି ଏବଂ ବ୍ରହ୍ମାଣ୍ଡର ବିଭିନ୍ନ ଯୋନୀର ଉତ୍ପତ୍ତି ବିଷୟରେ ବୁଝାଇଛନ୍ତି। ନିଜର କାମନା ବାସନା ଆଦି ଯୋଗୁଁ କିପରି ଆମେ ଜନ୍ମମୃତ୍ୟୁର ଚକ୍ରରେ ଘୁରି ବୁଲୁଛେ ତଥା ଏଥିରୁ ମୋକ୍ଷର ମାର୍ଗ କଣ, ଏସବୁ କହିଛନ୍ତି।

**ଅସଙ୍ଗଶସ୍ତ୍ରେଣ ଦୃଢେନ ଛିତ୍ତ୍ୱା**

କିପରି ଆମେ ଅସଙ୍ଗ ରୂପକ ଶସ୍ତ୍ର ଦ୍ୱାରା ମୁକ୍ତି ପାଇପାରିବା - ଏହାର ଉପାୟ କହିଛନ୍ତି। ଗତ ସପ୍ତାହରେ ଆମେ ସୁକଦେବ ମୁନି ଓ ରାଜା ଜନକଙ୍କ ଉପାଖ୍ୟାନ ଶୁଣିଲେ।

ଭଗବାନ ଶ୍ରୀକୃଷ୍ଣ ଗୀତାର ଷଷ୍ଠ ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି କି ଯିଏ ତାଙ୍କର ପରମ ଧାମକୁ ପ୍ରାପ୍ତ ହେବ, ସେ କିପରି ହେବା ଉଚିତ୍?

**"ସ୍ୱୟଂ ପ୍ରକାଶିତ"**

ଏଇ ପ୍ରସଙ୍ଗରେ ଆମେ ବୁଝିରଖିବା ଉଚିତ୍, ଉପମା ଓ ରୂପକାଳଙ୍କାର ଦୁଇଟି ଅଲଗା ଅଲଗା ଜିନିଷ। 'ତାର ମୁଖ ଚନ୍ଦ୍ରମା ସଦୃଶ' - ଏହାକୁ ଆମେ ଉପମା କହିବା। 'ମୋ ପୁଅ ତ ଚନ୍ଦ୍ର !' - ଏହି ଉକ୍ତିଟିରେ ପୁଅଟିର ନାମ ଚନ୍ଦ୍ର ଅଥବା ସେ ଦେଖିବାକୁ ଚନ୍ଦ୍ର ପରି ତାହା ସ୍ପଷ୍ଟ ହେଉନାହିଁ। ସେହିପରି ଈଶ୍ୱରଙ୍କୁ ଯେତେବେଳେ ପ୍ରକାଶ ସହ ତୁଳନା କରାଯାଏ ବା ତାଙ୍କୁ ପ୍ରକାଶମୟ କୁହାଯାଏ, ତାହାକୁ ଆମେ ରୂପକ ଅଳଙ୍କାର ଭାବେ ବୁଝିବା ଉଚିତ୍।

ଉପନିଷଦରେ କୁହାଯାଇଛି -

**'ତମସୋ ମା ଜ୍ୟୋତିର୍ଗମୟ।'**

ଈଶ୍ୱରଙ୍କୁ ଜ୍ୟୋତିର ସ୍ୱରୂପ ବା ଜ୍ୟୋତିର୍ମୟ ବୋଲି କୁହାଯାଇଛି। ଏହା କେବଳ ଭାରତୀୟ ସଂସ୍କୃତିରେ ନୁହେଁ, ଇସାହୀମାନେ ମଧ ଭଗବାନଙ୍କୁ ଦିବ୍ୟଜ୍ୟୋତି (Divine Light) ଓ ମୁସଲମାନମାନେ 'ନୁର୍ ଏ ଇଲାହୀ' ବୋଲି କହିଥାନ୍ତି। ପାର୍ସୀ ଧର୍ମରେ ତ ସୂର୍ଯ୍ୟଙ୍କୁ ଈଶ୍ୱର କୁହାଯାଇଛି।

ଏଠାରେ ଆମକୁ କିନ୍ତୁ ଏହା ଧ୍ୟାନ ରଖିବାକୁ ହେବ କି ଏସବୁ କଥା ଈଶ୍ୱରଙ୍କ ଉପମା ବୋଲି ବୁଝିବାକୁ ହେବ କାରଣ ନିଜେ ଈଶ୍ୱରଙ୍କ ବ୍ୟତୀତ, ତାଙ୍କ ସମାନ କଣ ଅନ୍ୟ କେହି ହେଇପାରିବେ ? ସଂସାରର ପଞ୍ଚତତ୍ତ୍ୱର ଉତ୍ସ ତ ସେ ନିଜେ, ତେବେ ସେ କେମିତି ତତ୍ତ୍ୱ ଭିତରୁ ଜଣେ ହେବେ ?

ଭଗବାନ ସର୍ବଥା ଏହି ପଞ୍ଚତତ୍ତ୍ୱରୁ ଅତୀତ ଓ ସର୍ବୋପରି। ଏପରି ମହାନ୍ ସତ୍ତାଙ୍କର ଉପାସନା ମୂଳତଃ ଚାରିଟି ସ୍ୱରୂପରେ ହୋଇଥାଏ, ଅର୍ଥାତ୍ ସଗୁଣ ଉପାସନା ଚାରି ପ୍ରକାରର ହୋଇଥାଏ - ଭଗବାନଙ୍କ ନାମର ଉପାସନା, ଭଗବାନଙ୍କ ରୂପର ଉପାସନା, ଭଗବାନଙ୍କ ଲୀଳାର ଉପାସନା ଓ ଭଗବାନଙ୍କ ଧାମର ଉପାସନା । ଏହି ଚାରୋଟି ବିଷୟର ଅଲୌକିକତା ସମ୍ବନ୍ଧରେ ଯେ ଅବଗତ, କେବଳ ସେମାନେ ହିଁ ଭକ୍ତିକୁ ପ୍ରାପ୍ତ ହୁଅନ୍ତି, ଆଉ ଯେଉଁମାନେ ବିଷୟଗୁଡ଼ିକର ଲୌକିକତାଠାରେ ଅଟକିଛନ୍ତି, ସେମାନେ ଭକ୍ତି ମାର୍ଗର ପ୍ରାରମ୍ଭିକ ସ୍ତରରେ ଅଛନ୍ତି ବୋଲି ବୁଝିବାକୁ ହେବ।

ପଞ୍ଚଦଶୋଽଧ୍ୟାର ସପ୍ତମ ଶ୍ଳୋକରେ ଭଗବାନ ନିଜର ତଥା ଜୀବାତ୍ମା ସ୍ୱରୂପର ବର୍ଣ୍ଣନ କରିଛନ୍ତି। ପରମ ଶ୍ରଦ୍ଧେୟ ବ୍ରହ୍ମଲୀନ ସ୍ୱାମୀ ରାମସୁଖଦାସଜୀଙ୍କର ଏହି ଶ୍ଳୋକ ଅତ୍ୟନ୍ତ ପ୍ରିୟ ଥିଲା।

ପଞ୍ଚଦଶୋଽଧ୍ୟାର ସପ୍ତମ ଶ୍ଳୋକ :

**ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ ।**

**ମନଃ ଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି ।।**

ଭଗବାନ କହୁଛନ୍ତି ଯେତେସବୁ ଜୀବାତ୍ମା ପୃଥିବୀରେ ଅଛନ୍ତି ସମସ୍ତ ତାଙ୍କର ହିଁ ଅଂଶ। ହିନ୍ଦୁ ଧର୍ମର ଦୁଇଟି ଶବ୍ଦ 'ସନାତନ' ଓ 'ପୁରାତନ' ମଧ୍ୟରୁ, 'ପୁରାତନ'ର ଅର୍ଥ ବସ୍ତୁଟି କେତେ ପୁରୁଣା ସେ ବିଷୟରେ କେହି ବି ଅବଗତ ନୁହଁନ୍ତି ; ଯେମିତି ସୂର୍ଯ୍ୟଙ୍କର ଜନ୍ମ କେତେ ବର୍ଷ ତଳେ ହୋଇଥିଲା ତାହା ସଠିକ୍ ଭାବେ କେହି କହିପାରିବେ ନାହିଁ। 'ସନାତନ' ର ଅର୍ଥ ହେଉଛି ଯାହାର କେବେ ଉତ୍ପତ୍ତି ହୋଇନାହିଁ କି କେବେ ତାହାର ବିଲୁପ୍ତି ବି ସମ୍ଭବ ନୁହେଁ । ଯାହା ସୃଷ୍ଟି ଆରମ୍ଭରୁ ଥିଲା ଓ ସର୍ବଦୈବ ରହିଥିବ ମଧ୍ୟ।

ଗୋସ୍ୱାମୀଜୀ ଏହି ଶ୍ଳୋକଟିକୁ ସୁନ୍ଦର ଏକ ଚୌପାଇରେ କହନ୍ତି :

**ଈଶ୍ୱର ଅଂସ ଜୀବ ଅବିନାଶୀ ।**

**ଚେତନ ଅମଳ ସହଜ ସୁଖ ରାସୀ ।।**

ଅର୍ଥାତ୍ ଜୀବ ହେଉଛି ଈଶ୍ୱରଙ୍କ ଅଂଶ। ଅତଏବ ସେ ମଧ୍ୟ ଈଶ୍ୱରଙ୍କ ପରି ଅବିନାଶୀ, ଚେତନ, ନିର୍ମଳ ଏବଂ ସ୍ୱାଭାବିକ ସୁଖର ଉପାଦାନ।

**15.7**

**ମମୈବାଂଶୋ ଜୀବଲୋକେ, ଜୀବଭୂତଃ(ସ୍) ସନାତନଃ।**
**ମନଃ(ଷ୍) ଷଷ୍ଠାନୀନ୍ଦ୍ରିୟାଣି, ପ୍ରକୃତିସ୍ଥାନି କର୍ଷତି।।୭।।**

ଏହି ସଂସାରରେ ଜୀବରୂପ ଧାରଣ କରିଥିବା ଆତ୍ମା କେବଳ ମୋର ହିଁ ସନାତନ ଅଂଶ, ମାତ୍ର ସେ ପ୍ରକୃତିସ୍ଥ ମନ ଓ ପଞ୍ଚେନ୍ଦ୍ରିୟଙ୍କୁ ଆକର୍ଷିତ କରୁଛି ( ନିଜର ମନେ କରୁଛି ) ।

**ବିବେଚନ -**

ଯାହା ଜନ୍ମ ନେଇଛି ତାର ମୃତ୍ୟୁ ଅବସମ୍ଭାବୀ। ସୂର୍ଯ୍ୟଙ୍କର ଆୟୁ ଯେ କେତେ କୋଟି ବର୍ଷର ତାହା ଆମେ କଳନା କରିପାରିବା ନାହିଁ। ସେହିପରି ବ୍ରହ୍ମାଙ୍କ ଆୟୁ ମଧ୍ୟ ଆମ ଗଣନାତୀତ। କିନ୍ତୁ ଏହା ମଧ୍ୟ ସତ୍ୟ ଯେ ବ୍ରହ୍ମାଣ୍ଡରେ ଘଟୁଥିବା ପ୍ରତ୍ୟେକ ଘଟଣାର ଏକ ନିଶ୍ଚିତ ସମୟ ରହିଛି ନିଶ୍ଚୟ । ଯେଉଁମାନେ ନୂଆ ନୂଆ ଆଧ୍ୟାତ୍ମିକ ମାର୍ଗକୁ ଆପଣାଇଥାନ୍ତି ସେମାନଙ୍କ ମନରେ ସ୍ୱତଃ ଏକ ପ୍ରଶ୍ନ ଉଠେ କି ଭଗବାନ ସର୍ବ ପ୍ରଥମେ ଜୀବାତ୍ମାର ସୃଷ୍ଟି କେବେ କରିଥିଲେ ? ଏପରି ପ୍ରଶ୍ନ ଆମମାନଙ୍କ ମନରେ ମଧ୍ୟ ଅନେକ ବାର ଆସିଥାଏ। ଏହାର କାରଣ ହେଉଛି ଆମର ବୁଦ୍ଧି ହେଉଛି ଜଡ ଓ ଜଡ ବୁଦ୍ଧି ଦ୍ୱାରା ଆମେ ଅନନ୍ତ, ଅପରିମିତ ଧାରଣାକୁ କଳନା କରିପାରୁନା। ଯଦିଓ ତ ଆମେ ଜାଣୁ କି ବ୍ରହ୍ମାଣ୍ଡରେ ଅସଂଖ୍ୟ ଗ୍ୟାଲେକ୍ସିର ଅବସ୍ଥିତି ରହିଛି, ହେଲେ ଏପରି ଏକ ଧାରଣାକୁ ଆମର ପରିସୀମିତ ଚିନ୍ତାଶକ୍ତି କୌଣସି ନିର୍ଦ୍ଦିଷ୍ଟ ରୂପ ଦେଇ ପାରେନାହିଁ। ତେଣୁ ପ୍ରଶ୍ନଟିର ସମାଧାନ ମିଳିପାରେ ନାହିଁ।

ଶ୍ରୀ ଭଗବାନ ଜୀବାତ୍ମାମାନଙ୍କୁ ସନାତନ କହିଛନ୍ତି। ଆମ ସମସ୍ତଙ୍କ ଆତ୍ମା ଆମକୁ ଅଲଗା ଅଲଗା ପ୍ରତୀୟମାନ ହେଉଥିଲେ ହେଁ ପ୍ରକୃତରେ ଏହା ସତ୍ୟ ନୁହେଁ। ତେବେ ପ୍ରଶ୍ନ ଆସୁଛି - ଶରୀର ଅଲଗା ଅଲଗା, ସ୍ବଭାବ ଅଲଗା ଅଲଗା ତା'ହେଲେ ଆତ୍ମା ଏକ କିପରି ହେବ ? ଏହାକୁ ଏକ ସରଳ ଉଦାହରଣ ଜରିଆରେ ବୁଝିବାକୁ ଚେଷ୍ଟା କରିବା। ଯେମିତି ନ୍ୟୁକ୍ଲିୟର୍ ପାୱାର ପ୍ଲାଣ୍ଟ୍ ରେ ବହୁତ ଅଧିକ ମାତ୍ରାରେ ବିଜୁଳି ଉତ୍ପାଦନ ହୁଏ ଓ ଏହି ଉତ୍ପାଦିତ ବିଜୁଳିକୁ ବଡ ବଡ ହାଉସ୍ ମାନଙ୍କୁ ଅଣାଯାଇଥାଏ। ଏହା ପରେ ସହରର ମୁଖ୍ୟ ପାୱାର ହାଉସ୍ କୁ ଏହାକୁ ସଞ୍ଚରିତ କରାଯାଇଥାଏ ; ଏହିଠାରୁ ବିଜୁଳି ଆମ ଅଞ୍ଚଳର ଟ୍ରାନ୍ସଫର୍ମର୍ କୁ ଆସିଥାଏ ଓ ସେଠାରୁ ପୋଲ୍ ଦ୍ବାରା, ଏକ ଅଲଗା ତାର ମାଧ୍ୟମରେ ଆମ ଘରମାନଙ୍କୁ ବିଜୁଳି ଯୋଗାଇ ଦିଆଯାଇଥାଏ। ଏହାପରେ ଆମେ ଏହାକୁ ଘରର ପ୍ରତ୍ୟେକ କୋଠରୀରେ ଥିବା ସ୍ୱିଇଚ୍ ବୋର୍ଡ ମଧ୍ୟକୁ ନେଇଥାଉ। ଏବେ କୁହନ୍ତୁ ତ ଯେଉଁ ବିଜୁଳି ଆମେ ଆମ ଘରେ ବ୍ୟବହାର କରୁଛେ ତାହା ଉତ୍ପାଦିତ ମୂଳ ବିଜୁଳି ଠାରୁ କଣ ଭିନ୍ନ ? ନା, ସେ ସେହି ସମାନ ବିଜୁଳି ହିଁ। ଆମ ଘର ଓ ପଡ଼ୋଶୀ ଘରର ବିଜୁଳି ମଧ୍ୟ ସମାନ। କିନ୍ତୁ ବ୍ୟବହାର ଅନୁସାରେ ଦୁଇ ଘରର ବିଲ୍ ଅଲଗା ଅଲଗା ଆସିଥାଏ ; କିନ୍ତୁ ବିଜୁଳି ସେହି ଏକ ହିଁ ହୋଇଥାଏ।

ଠିକ୍ ସେହିପରି ଆତ୍ମତତ୍ତ୍ୱ ଏକ ହିଁ ହୋଇଥାଏ, ଯେଉଁ ଉର୍ଜା ଓ ଚୈତନ୍ୟ ଆମ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ ତା ମଧ୍ୟ ଏକ। ସମ୍ପୂର୍ଣ୍ଣ ସୃଷ୍ଟିରେ ଗୋଟିଏ ହିଁ ଚେତନା ତତ୍ତ୍ୱ ଅଛି, ଭଗବାନ ଏହାକୁ ଖଣ୍ଡ ଖଣ୍ଡ କରି ଆମ ଭିତରେ ଦେଇନାହାନ୍ତି। ଏହା ହେଉଛି ଏକତାର ସିଦ୍ଧାନ୍ତ - '**ଅହମ୍ ବ୍ରହ୍ମାସ୍ମି'।**

ଆମ ଭିତରେ ଥିବା ବିଭିନ୍ନତା ଆମ କର୍ମ ଦ୍ବାରା ହିଁ ନିର୍ଦ୍ଧାରିତ ହୋଇଥାଏ। କୃତ କର୍ମର ଫଳ ସ୍ବରୂପ ଭିନ୍ନ ଭନ୍ନ ପ୍ରାଣୀ ଭିନ୍ନ ଭିନ୍ନ ଯୋନିରେ ଜନ୍ମ ଗ୍ରହଣ କରିଥାନ୍ତି।

ଏପର୍ଯ୍ୟନ୍ତ ଭଗବଦ୍ଗୀତା ଚର୍ଯ୍ୟା ମଧ୍ୟରେ ଆମେ କିଛି ଶବ୍ଦ ସହ ପରିଚିତ ହେଲେଣି, ଯଥା - ପରମାତ୍ମା, ଆତ୍ମା, ଜୀବାତ୍ମା ଏବଂ ଦେହଧାରୀ। ଏ ଶବ୍ଦଗୁଡିକର ଅର୍ଥ ଅଲଗା ଅଲଗା ହେଲେ ମଧ୍ୟ ଏସବୁ ଗୋଟିଏ ଆଡକୁ ହିଁ ସଙ୍କେତ କରନ୍ତି। ଯେତେବେଳେ ଆମେ ସମ୍ପୂର୍ଣ୍ଣ ଚେତନା ଶକ୍ତିର ବିଚାର କରୁ, ତେବେ ତାହା ପରମାତ୍ମାଙ୍କୁ ବୁଝାଇଥାଏ। ପ୍ଲାଣ୍ଟର ବିଜୁଳିକୁ ଆମେ ଯେତେବେଳେ ଆମ ଘରର ମିଟର୍ ମଧ୍ୟକୁ ଆଣୁ ସେତେବେଳେ ତାହା ଆମର ନିଜସ୍ୱ ଭଳି ପ୍ରତୀତ ହୁଏ। ଯଦି ସେହି ମିଟର୍ ରୁ ବିଜୁଳି ଚୋରି ହୁଏ, ତା'ହେଲେ ଆମେ କହୁ କି ମୋର ବିଜୁଳି ଚୋରି ହୋଇଯାଇଛି - ଏହା ହେଉଛି ବ୍ୟକ୍ତିକ ଭାବ।

ଯେବେ ଆତ୍ମା ସ୍ବତନ୍ତ୍ର ଥାଏ ସେତେବେଳେ ତାକୁ କୌଣସି କଷ୍ଟ, ସୁଖ, ମୋହ ଆଦି ଅନୁଭୂତ ହୋଇନଥାଏ; କିନ୍ତୁ ଯେତେବେଳେ ତା' ସହ ସଞ୍ଚିତ କର୍ମ ଯୋଡି ହୁଏ, ସେତେବେଳେ ପାପ ପୂଣ୍ୟର ଲେଖା ଯୋଖା ସବୁ ଗଣନାକୁ ଆସିଥାଏ। ଆତ୍ମା ବାସନା ଯୁକ୍ତ ହେଲେ, ଆମେ ତାହାକୁ ଜୀବାତ୍ମା ବୋଲି ଜାଣିବା ଆଉ ସେହି ଜୀବାତ୍ମା ଯେତେବେଳେ କୋଣସି ଶରୀରରେ ପ୍ରବିଷ୍ଟ ହୁଏ , ସେ ମନୁଷ୍ୟ ଶରୀର ହେଉ ବା ପଶୁ, ପକ୍ଷୀ, ଅଥବା କରୋନା ଭାଇରସ୍ ଶରୀର ହେଉ ନା କାହିଁକି, ସେତେବେଳେ ତାହା ଦେହଧାରୀ ହୋଇଯାଇଥାଏ।

**ପରମାତ୍ମାଙ୍କ ଠାରୁ ଆତ୍ମା, ଆତ୍ମା ଉପରାନ୍ତେ ଜୀବାତ୍ମା ଓ ତା'ପରେ ଦେହଧାରୀ - ଏ ସମସ୍ତ, ଗୋଟିଏ ମୌଳିକ ତତ୍ତ୍ୱରୁ ନିର୍ମିତ ଏକ ସମ୍ପୂର୍ଣ୍ଣ ପ୍ରକ୍ରିୟା।** ଭଗବାନ କହିଛନ୍ତି, "ଦେହ ମଧ୍ୟେ ଥିବା ସନାତନ ଜୀବାତ୍ମା ମୋର ହିଁ ଅଂଶ ଅଟେ।" ସେଥିପାଇଁ ଆମେ ସମସ୍ତେ ସେହି ପରମ ଶକ୍ତିଙ୍କର ହିଁ ଅଂଶ, ଯେଉଁଥିପାଇଁ ଆମେ ସେହି ପରମାତ୍ମାଙ୍କୁ ସଚ୍ଚିଦାନନ୍ଦ ସ୍ବରୂପ ବୋଲି କହୁ। ତାଙ୍କର ଅଂଶ ହୋଇଥିବାରୁ ମୁଁ ନିଜେ ମଧ୍ୟ ସେହି ସଚ୍ଚିଦାନନ୍ଦ ପରମାତ୍ମା - **ଶିବୋହମ୍ ଶିବୋହମ୍** । ସେହି ଶିବ ମଧ୍ୟ ମୁଁ। ପରନ୍ତୁ ଏହା ସେତେବେଳ ସମ୍ଭବ, ଯେତେବେଳେ ମୁଁ ମୋ ସ୍ବୟଂକୁ ସେହି ପରମାତ୍ମାଙ୍କ ସହ ଏକାକାର କରି ଶରୀରଠୁ ନିଜକୁ ପୃଥକ୍ ଭାବିପାରିବି । ମନୁଷ୍ୟ ଜନ୍ମର ଏକମାତ୍ର ପ୍ରଥମ ଭୁଲ୍ ହେଉଛି, ନିଜର ପାରିପାର୍ଶ୍ବିକ ପରିସ୍ଥିତି ସହ ଖାପ୍ ଖୁଆଇବାକୁ ଯାଇ ସେ ନିଜର ମୂଳ ଅସ୍ତିତ୍ୱକୁ ଭୁଲି ଯାଇଥାଏ। ବାଘ ହୋଇ ଜନ୍ମ ନେଇଥିଲେ ମଧ୍ୟ ଗଧିଆଙ୍କ ମେଳରେ ରହି ସେ ନିଜକୁ ଗଧିଆ ଭାବିବାକୁ ଆରମ୍ଭ କରିଦିଏ। ଅର୍ଥାତ୍ ଶରୀର ସର୍ବସ୍ବ ମୂଢ ମନୁଷ୍ୟମାନଙ୍କ ମେଳରେ ରହି, ଧୀରେ ଧୀରେ ଜୀବାତ୍ମା ଶରୀରକୁ ହିଁ ନିଜର ଅସ୍ତିତ୍ୱ ବୋଲି ବିଶ୍ୱାସ କରିବା ଆରମ୍ଭ କରିଦିଏ ।

ଏମିତି ଏକ ଭ୍ରାନ୍ତମୟ ଅବସ୍ଥାରୁ କେହି ଗୁରୁ ଅଥବା ମହାପୁରୁଷଙ୍କ ପ୍ରକୃଷ୍ଟ ଦିଗ୍ ଦର୍ଶନ ହିଁ ଆମକୁ ମୁକୁଳେଇ ପାରିବ ; କିନ୍ତୁ ଏପରି ସୌଭାଗ୍ୟ କେଜାଣି କେତେ ଜନ୍ମର ପୂଣ୍ୟ ବଳରେ ମନୁଷ୍ୟକୁ ମିଳି ପାରିଥାଏ । ଭଗବଦ୍ଗୀତାର ମନନ, ଚିନ୍ତନ ମଧ୍ୟ ଏପରି ଏକ ସୌଭାଗ୍ୟମୟ ଅବସର। ଏହାଦ୍ବାରା ଆମର ଜ୍ଞାନୋଦୟ ହେବ କି ମୁଁ କେବଳ ଶରୀର ନୁହେଁ, ବରଂ ଶରୀର ଅତିରିକ୍ତ ଅନ୍ୟ ଏକ ଶ୍ରେଷ୍ଠତର ସତ୍ତା।

ପାଞ୍ଚ ଇନ୍ଦ୍ରିୟମାନଙ୍କ ମଧ୍ୟରୁ ମନ ଯାହା ସହ ରହେ, ସେଇ ଇନ୍ଦ୍ରିୟଟି ହିଁ ସେହି ସମୟରେ ସକ୍ରିୟ ହୁଏ। ଏଇ ଯେମିତି ଆମେ ଏବେ ବିବେଚନ ଶୁଣୁ ଶୁଣୁ ଯଦି ଆମର ଧ୍ୟାନ ଅନ୍ୟ କେଉଁଆଡେ ଚାଲିଗଲା, ତେବେ ସେଠାରେ ଆମର ରହିବାଟା ନରହିବା ସହ ସମାନ। ଆମେ ସମସ୍ତେ ଆଜିକାଲି ଏପରି ପରିସ୍ଥିତିର ଅଧିକ ରୁ ଅଧିକ ସମ୍ମୁଖୀନ ହେଉଛେ। ଆପଣମାନେ ଦେଖୁଥିବେ, ଆଜିକାଲି ଅନେକେ ଫୋନ୍ ରେ କଥା ହେଉ ହେଉ ଭୋଜନ କରୁଛନ୍ତି, ଯାହା ଦ୍ବାରା ସେମାନେ କ'ଣ ଖାଉଛନ୍ତି ଓ ସେ ଖାଦ୍ୟର ସ୍ବାଦ କଣ ତା'ର ଆନନ୍ଦ ସଠିକ୍ ଭାବେ ଗ୍ରହଣ କରି

ପାରୁନାହାନ୍ତି।

ଏହି ସମ୍ବନ୍ଧରେ ସ୍ବାମୀ ଶରଣାନନ୍ଦଜୀ ମହାରାଜ୍ ଏକ ସୂତ୍ର କହିଛନ୍ତି କି - ନିଜ ଦୃଷ୍ଟିକୁ ଇତଃସ୍ତତ ହେବାକୁ ଦିଅନାହିଁ, କାରଣ ତୁମ ଦୃଷ୍ଟି ଯେଉଁ ଆଡକୁ ଯିବ ମନକୁ ସେଠାରେ ହିଁ ଦେବାକୁ ହେବ। ଯେହେତୁ ମନ ସମସ୍ତ ଇନ୍ଦ୍ରିୟମାନଙ୍କ ସ୍ବାମୀ, ଯାହା ସହ ସେ ଯୋଡିହୁଏ ଆମକୁ ସେହି ବିଷୟର ଭୋଗ ଅନୁଭୂତ ହୁଏ। ଏଠି ଆମକୁ ମନେ ରଖିବାକୁ ହେବ ଯେ, ବାସନାର ନିର୍ମାଣ ମନ ଏବଂ ଇନ୍ଦ୍ରିୟମାନଙ୍କ ସଂଯୋଗରୁ ହିଁ ହୋଇଥାଏ। ଏପରି ସଂଯୋଗରେ କୌଣସି ଆପତ୍ତି ନାହିଁ, କିନ୍ତୁ ଯେମିତି କେଉଁଠି ଥରେ ଆମେ ଅତି ସ୍ବାଦିଷ୍ଟ ଖାଦ୍ୟ ଖାଇବାର ସୁଯୋଗ ପାଉ ତ, ସେ ସ୍ବାଦ ଓ ସେଥିପ୍ରତି ଆମର ଇଛା ବର୍ଷ ବର୍ଷ ଧରି ବଳବତ୍ତର ରୁହେ। ଏପରି ସଂଯୋଗ ହିଁ ହେଉଛି ଆମ ସମସ୍ତ ସମସ୍ୟାର ମୂଳ ।

ଭଗବାନ ଏଠାରେ ଏକ ମହତ୍ତ୍ୱପୂର୍ଣ୍ଣ ସିଦ୍ଧାନ୍ତ କହିଛନ୍ତି । ଆମେ ଆଗରୁ ଶୁଣିଲେ କି, ଜୀବାତ୍ମା ପରମାତ୍ମାଙ୍କ ଅଂଶ, ତେବେ ଏହା କାହିଁକି ଜନ୍ମ ମୃତ୍ୟୁର ଚକ୍ରରେ ଛନ୍ଦି ହୁଏ ? ପରମାତ୍ମାଙ୍କ ପରି ଜୀବାତ୍ମା ବି ଅବିନାଶୀ କାହିଁକି ନୁହେଁ ? ଆଦି ଗୁରୁ ଶଙ୍କରାଚାର୍ଯ୍ୟ କହିଛନ୍ତି -

**ପୁନରପି ଜନନଂ ପୁନରପି ମରଣଂ, ପୁନରପି ଜନନୀ ଜଠରେ ଶୟନମ୍।**
**ଇହ ସଂସାରେ ବହୁଦୁସ୍ତାରେ, କୃପୟାଽପାରେ ପାହି ମୁରାରେ।।**
**ଭଜଗୋବିନ୍ଦଂ ଭଜଗୋବିନ୍ଦଂ, ଗୋବିନ୍ଦଂ ଭଜମୂଢମତେ।**
**ନାମସ୍ମରଣାଦନ୍ୟମୁପାୟଂ, ନହି ପଶ୍ୟାମୋ ଭବତରଣେ ।।**

ବାରମ୍ବାର ଜନ୍ମ, ବାରମ୍ବାର ମୃତ୍ୟୁ, ବାରମ୍ବାର ମାତୃ ଗର୍ଭରେ ଶୟନ - ଏସବୁ କଷ୍ଟ ତେବେ କାହିଁକି ? ଆଗକୁ ଭଗବାନ ଏ ସମ୍ବନ୍ଧରେ ମଧ କିଛି ମହତ୍ତ୍ୱପୂର୍ଣ୍ଣ ସୂତ୍ର କହିଛନ୍ତି।

**15.8**

**ଶରୀରଂ(ୟଁ) ଯଦବାପ୍ନୋତି, ଯଚ୍ଚାପ୍ୟୁତ୍କ୍ରାମତୀଶ୍ୱରଃ।**
**ଗୃହୀତ୍ୱୈତାନି ସଂୟାତି, ବାୟୁର୍ଗନ୍ଧାନିବାଶୟାତ୍ ॥15.8॥**

ବାୟୁ କୌଣସି ଗନ୍ଧ ସ୍ଥାନରୁ ଗନ୍ଧ ବହନ କରି ନେଇଯିବା ପରି ଶରୀରାଦିର ସ୍ବାମୀ ବୋଲାଉଥିବା ଜୀବାତ୍ମା ମଧ ଯେଉଁ ଶରୀର ତ୍ୟାଗ କରେ, ସେଠାରୁ ମନସମେତ ଇନ୍ଦ୍ରିୟମାନଙ୍କୁ ସାଥିରେ ଧରି ଯେଉଁ ଶରୀର ପ୍ରାପ୍ତ ହୁଏ ସେଠାକୁ ଚାଲିଯାଏ ।

**ବିବେଚନ -**

ଶ୍ରୀ ଭଗବାନ ଆତ୍ମତତ୍ତ୍ୱର ଗୋଟିଏ ଶରୀରରୁ ଅନ୍ୟ ଶରୀରକୁ ସଞ୍ଚିତ କର୍ମକୁ ନେଇଯିବାର ପ୍ରକ୍ରିୟାକୁ ବାୟୁର ସୁନ୍ଦର ଉଦାହରଣ ଦେଇ ବୁଝାଇଛନ୍ତି । ଯେପରି ପୃଥିବୀର କୋଣ ଅନୁକୋଣରେ ବାୟୁର ଅବସ୍ଥିତି ରହିଛି, ତଥାପି ତାହା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗତି କରେ, ସେହିଭଳି ଆତ୍ମତତ୍ତ୍ୱ ମଧ ସର୍ବବ୍ୟାପୀ ହୋଇଥିଲେ ହେଁ, ଏହାଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗତିଶୀଳ ହୁଏ । ପବନ ଯେପରି ଭାବରେ ସୁଗନ୍ଧ ଏବଂ ଦୁର୍ଗନ୍ଧକୁ ନିଜ ସାଙ୍ଗରେ ବହନ କରି ନେଇଯାଏ, କିନ୍ତୁ ଏହା ସାଙ୍ଗରେ ଲାଖିଯାଏ ନାହିଁ । ସେହିଭଳି ଆତ୍ମା ମନୁଷ୍ୟ ଦ୍ୱାରା ସଞ୍ଚିତ କର୍ମକୁ ନେଇ ଗୋଟିଏ ଶରୀରରୁ ଅନ୍ୟ ଶରୀରକୁ ଯାଇଥାଏ, କିନ୍ତୁ ସେଗୁଡ଼ିକ ସାଙ୍ଗରେ ସେ ସଂଶ୍ଳିଷ୍ଟ ରହେ ନାହିଁ । ମନ ଏବଂ ଶରୀରର ଆକର୍ଷଣ ହେତୁ ଜୀବାତ୍ମା ବିଭିନ୍ନ ପ୍ରଜାତିରେ ଜନ୍ମ ଗ୍ରହଣ କରେ । ଶରୀର ତ୍ୟାଗ ସମୟରେ ମନୁଷ୍ୟ ଯାହା ବିଚାର କରୁଥାଏ, ସେହି ଚିନ୍ତାଧାରା ଅନୁଯାୟୀ ସେ ପରବର୍ତ୍ତୀ ଜନ୍ମ ଗ୍ରହଣ କରେ ।

ଯଦି ଜଣେ ବ୍ୟକ୍ତି ନିଜ ଘରର କାମନା କରି ପ୍ରାଣ ତ୍ୟାଗ କରେ, ତାହେଲେ ପରବର୍ତ୍ତୀ ଜୀବନରେ ସେ ଏକ ଝିଟିପିଟି ହୋଇ ସେହି ଘରେ ବୁଲିବ । କେହି ଯଦି ଧନକୁ ଭାବି ଭାବି ନିଜ ଜୀବନ ତ୍ୟାଗ କରେ, ତେବେ ସେ ପରବର୍ତ୍ତୀ ଜୀବନରେ ସାପ ହୋଇ ଜନ୍ମ ନେଇଥାଏ । ଯିଏ ନିଜ ପିଲାକୁ ମନେ କରି କରି ମରିଯାଏ, ତେବେ ସେ ପରବର୍ତ୍ତୀ ଜନ୍ମରେ କୁକୁର ପ୍ରଜାତିରେ ଜନ୍ମ ହୁଅନ୍ତି । ଯେପରି ବାୟୁ ଗନ୍ଧକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଯାଏ, ସେହିଭଳି, ମଣିଷର ଜୀବାତ୍ମା ଗୋଟିଏ ଶରୀରରୁ ଅନ୍ୟ ଶରୀରକୁ ତା'ର ସଞ୍ଚିତ କର୍ମକୁ ନେଇଥାଏ |

ଯେଉଁ ମନୁଷ୍ୟ ଶେଷ ସମୟରେ ଈଶ୍ବରଙ୍କୁ ସ୍ମରଣ କରେ, ଭଗବାନ କୁହନ୍ତି ସେ ମୋତେ ନିଶ୍ଚୟ ପ୍ରାପ୍ତ ହେବ, କିନ୍ତୁ ଏ ପ୍ରକ୍ରିୟା ଏତେ ସରଳ ନୁହେଁ।

ଗୋସ୍ୱାମୀ ତୁଳସୀଦାସ ଜୀ କୁହନ୍ତି-

**ଜନ୍ମ ଜନ୍ମ ମୁନି ଜତନୁ କରାହିଁ । ଅନ୍ତ ରାମ କହି ଅବତ ନାହିଁ ।।**

**ଜାସୁ ନାମ ବଳ ଶଙ୍କର କାସି । ଦେତ ସବହି ସମ ଗତି ଅବିନାଶୀ ।।**

ଯାହା ଜୀବନ ସାରା ତୁମେ କେବେ ଅଭ୍ୟାସ କରିନାହଁ, ଅନ୍ତ ସମୟରେ ତାହା କାର୍ଯ୍ୟକାରୀ କରିବା ଅତ୍ୟନ୍ତ କଷ୍ଟକର ।

ଉପନିଷଦରେ, ଏହି ଚିନ୍ତାଧାରାକୁ ନେଇ ଏକ ବିଚାରଣୀୟ ତଥ୍ୟ ରହିଛି। ମନେ କରନ୍ତୁ ଗୋଟେ କାଛ ଅଛି ଯାହା ଦକ୍ଷିଣ ଆଡକୁ ନଇଁ ପଡିଛି, ତେବେ ଏହା ଦକ୍ଷିଣ ପଟକୁ ହିଁ ପଡିବ ; ଯଦି ଏହା ଉତ୍ତର ଆଡକୁ ନୁଏଁ, ତେବେ ଏହା ଉତ୍ତର ପଟକୁ ପଡ଼ିବ । ସେହିପରି ଆମର ସିଷ୍ଟମ୍ ମଧ ପେନ୍ ଡ୍ରାଇଭ୍ ପରି ଅଟେ, ଯାହାକି ପୂର୍ବ ଜନ୍ମର ସଞ୍ଚିତ ସଂସ୍କାରକୁ ନେଇକରି ଯାଇଥାଏ । ସେଥିପାଇଁ କେତେକ ଯାଗାରେ ଆମକୁ ଦେଖିବାକୁ ମିଳେ ସମ୍ପୂର୍ଣ୍ଣ ଅଠର ଅଧ୍ୟାୟ କଣ୍ଠସ୍ଥ କରି, ତିନି ବର୍ଷର ଶିଶୁଟିଏ ଗୀତାବ୍ରତୀ ହୋଇଯାଉଛି ! କେହି କେହି ଛୋଟ ପିଲା ବହୁତ ଭଲ ସନ୍ତରଣକାରୀ କିମ୍ବା କିଛି ପିଲା ଗଣିତରେ ବହୁତ ଭଲ । ନିଜର ପୂର୍ବ ଜନ୍ମର ସଞ୍ଚିତ କର୍ମରୁ ହିଁ ସେମାନେ ଏହି ଜନ୍ମରେ ଏପରି କରିବାକୁ ସକ୍ଷମ ହୋଇପାରୁଛନ୍ତି ।

**15.9**

**ଶ୍ରୋତ୍ରଂ(ଞ୍) ଚକ୍ଷୁଃ(ସ୍) ସ୍ପର୍ଶନଂ(ଞ୍) ଚ, ରସନଂ(ଙ୍) ଘ୍ରାଣମେବ ଚ ।**
**ଅଧିଷ୍ଠାୟ ମନଶ୍ଚାୟଂ(ୱଁ), ବିଷୟାନୁପସେବତେ ।।15.9।।**

ଏହି ଜୀବାତ୍ମା ମନର ସହାୟତାରେ ହିଁ କର୍ଣ୍ଣ, ଚକ୍ଷୁ, ତ୍ୱକ୍, ଜିହ୍ୱା ଓ ନାସିକା ଦ୍ୱାରା ବିଷୟଗୁଡିକୁସେବନ କରେ ।

**ବିବେଚନ -**

ଏହି ଶ୍ଳୋକଟିରେ ଶ୍ରୀଭଗବାନ ପାଞ୍ଚଟି ଇନ୍ଦ୍ରିୟ ବିଷୟରେ କହୁଛନ୍ତି - ଶୁଣିବା, ଦେଖିବା, ସ୍ପର୍ଶ କରିବା, ସ୍ୱାଦ ନେବା ଏବଂ ଶୁଙ୍ଘିବା । ଆମର ପାଞ୍ଚ ଇନ୍ଦ୍ରିୟ ଏହି ପାଞ୍ଚ ବିଷୟଗୁଡିକୁ ଗ୍ରାସ କରେ ।

**ଶ୍ରବଣ ଇନ୍ଦ୍ରିୟ** (ଶୁଣିବା) - ଆମେ ସମସ୍ତେ ଜାଣୁ ଯେ ହରିଣ ଅତୀବ ଚପଳତାର ସହିତ ଡେଇଁ ଡେଇଁ ଦୌଡେ, ଯଦି ଚିତାବାଘ ତାକୁ ଧରିବାକୁ ଚାହେଁ, ତେବେ ସେ ଏକା ଥରେ ତାକୁ ଧରି ପାରିବ ନାହିଁ। ହରିଣକୁ ଧରିବା ପାଇଁ ବାଘ ଅତି କମ୍ ରେ ପ୍ରାୟ ତିରିଶ ଥର ଚେଷ୍ଟା କରେ ତାପରେ ଯାଇ ତାକୁ ଧରି ବାରେ ସକ୍ଷମ ହୋଇପାରେ। କିନ୍ତୁ ଶିକାରୀ ଗୋଟିଏ ଥରରେ ହରିଣକୁ ଧରିବାରେ ସଫଳ ହୁଏ କାରଣ ଶିକାରୀ ହରିଣର ଦୁର୍ବଳତା ଜାଣେ । ସେ ଜାଣେ ଯେ ହରିଣର ସଙ୍ଗୀତ ବଡ ପ୍ରିୟ । ଯେତେବେଳେ ସେ ହରିଣ ଶିକାର କରିବାକୁ ବାହାରେ, ଏକ ବିଶେଷ ପ୍ରକାରର ସଙ୍ଗୀତର ଏକ ରେକର୍ଡିଂ ନେଇ ଶିକାର ସ୍ଥାନରେ ସେହି ରେକର୍ଡିଂ ବଜାଏ । ଯେତେବେଳେ ସେହି ଶବ୍ଦ ହରିଣର କାନରେ ପହଞ୍ଚେ, ହରିଣର କାନ ଠିଆ ହୋଇଯାଏ ଏବଂ ସେ ନିଜର ସମସ୍ତ ବୁଦ୍ଧି ଶୁଦ୍ଧି ହରାଇବସି, ସଙ୍ଗୀତର ସୁରରେ ହଜିଯାଏ । ଯେତେବେଳେ ଶିକାରୀ ଦେଖେ ଯେ ହରିଣଟି ସଙ୍ଗୀତରେ ସଂପୂର୍ଣ୍ଣ ମଗ୍ନ ହୋଇଯାଇଛି, ସେତେବେଳେ ସେ ହରିଣଟିକୁ କାବୁ କରିନିଏ ଓ ତା'ର ନାଭିରୁ କସ୍ତୁରୀ ବାହାର କରି ନେଇଯାଏ । ହରିଣଟିକୁ ଯନ୍ତ୍ରଣା ଭୋଗିବାକୁ ଛାଡି ଚାଲିଯାଏ । ଏହିପରି ସଙ୍ଗୀତ ପ୍ରତି ଅତୀବ ଆକର୍ଷଣ ଯୋଗୁଁ ହରିଣ ପ୍ରାଣ ହରାଇ ବସେ ।

**ଚକ୍ଷୁ ଇନ୍ଦ୍ରିୟ** (ଦେଖିବା) - ବର୍ଷା ଏବଂ ଗ୍ରୀଷ୍ମ ଦିନରେ ଅନେକ ଥର ଆମେ ଷ୍ଟ୍ରିଟ୍ ଲାଇଟ୍ ରେ, ଘରର ବଲବ୍ ଏବଂ ଟ୍ୟୁବ୍ ଲାଇଟ୍ ପାଖରେ ଅନେକ ପତଙ୍ଗ ଦେଖୁ ଏବଂ ସେମାନେ ରାତିସାରା ଟନ ଟନ କରି ସେଥିରେ ପିଟି ହେଉଥାନ୍ତି । ଯେତେବେଳେ ସକାଳ ହୁଏ , ସେତେବେଳେ ଏହି ପତଙ୍ଗମାନେ ତଳେ ମରି ପଡିଥିବାର ଦେଖିବାକୁ ମିଳେ । ହଜାର ହଜାର ବର୍ଷ ଧରି ଏହିପରି ଘଟିଆସୁଛି । ଏହା ଆମକୁ ଅନେକ ସମୟରେ ଭାବିବାକୁ ବାଧ କରେ ଯେ - ଏହି ପତଙ୍ଗଗୁଡିକ ନିଜେ ନିଜେ ଟ୍ୟୁବ୍ ଲାଇଟ୍ ରେ ପିଟି ହେଉଛନ୍ତି କିମ୍ବା ଦୀପ ଉପରେ ଡେଇଁ ପଡୁଛନ୍ତି, ତେବେ ସେମାନଙ୍କୁ କଣ କୌଣସି ଯନ୍ତ୍ରଣା ଅନୁଭବ ହେଉନାହିଁ ? ନା ସେୟା ନୁହେଁ, ସେମାନଙ୍କର ମଧ ଯନ୍ତ୍ରଣା ଅଛି ଏବଂ ଜଳିବାର କଷ୍ଟ ସେମାନଙ୍କୁ ମଧ ଅନୁଭୂତ ହୁଏ । ହେଲେ ଏସବୁ ସତ୍ତ୍ୱେ କାହିଁକି ସେମାନେ ସମାନ ଆଚରଣ ବାରମ୍ବାର କରନ୍ତି ? ଏହାର କାରଣ ହେଉଛି ପତଙ୍ଗମାନେ ଆଲୋକ ଏବଂ ପ୍ରକାଶକୁ ପାଇବାକୁ ଚାହାନ୍ତି, ତେଣୁ ସେ ଦିଗକୁ ଆକର୍ଷିତ ହୋଇଯାନ୍ତି ଏବଂ ଏହି ଆକର୍ଷଣ ଶେଷରେ ତାଙ୍କ ଜୀବନ ନେଇଯାଏ । ଶବ୍ଦ ଦ୍ୱାରା ଆକର୍ଷିତ ହୋଇ ହରିଣ ପ୍ରାଣ ହରାଇବା ବେଳେ ଆଲୋକର ଆକର୍ଷଣ ହେତୁ ପତଙ୍ଗଗୁଡ଼ିକ ପ୍ରାଣ ହରାଇଥାନ୍ତି ।

**ସ୍ପର୍ଶନ ଇନ୍ଦ୍ରିୟ** (ସ୍ପର୍ଶ କରିବା) - ଆମେ ସମସ୍ତେ ଜାଣୁ ଯେ ହାତୀ ହେଉଛି ସବୁଠାରୁ ଶକ୍ତିଶାଳୀ, ବିଶାଳକାୟ ଏବଂ ବୁଦ୍ଧିମାନ ପ୍ରାଣୀ । ଏହା ଏତେ ଶକ୍ତିଶାଳୀ ଯେ ବଡ ବଡ ଗଛ ସବୁକୁ ଅନାୟାସରେ ଉପାଡ଼ି ଦେଇପାରେ । ଏପରିକି ସିଂହ ମଧ୍ୟ ହାତୀ ଉପରେ ଆକ୍ରମଣ କରିବାକୁ ଭୟ କରେ । ସିଂହ ଜାଣେ ଯେ, ଯଦି ଗୋଟିଏ ହାତୀ ଶୁଣ୍ଢରେ ଗୁଡ଼ାଇ ତାକୁ ଫୋପାଡି ଦିଏ, ତା'ର ମେରୁଦଣ୍ଡ ଭାଙ୍ଗିଯିବ ! ହେଲେ ତୁମେ କେବେ ସର୍କସରେ ଦେଖିଥିବା ହାତୀ କିମ୍ବା ରାସ୍ତାରେ ଯାଉଥିବା ହାତୀ ବିଷୟରେ ଭାବି ଦେଖ ତ ; ଏଠାରେ ହାତୀଟି ମାହୁନ୍ତର ଏକ ଛୋଟ ଅଙ୍କୁଶ (ଛୋଟ ବାଡ଼ି) ବଳରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଥାଏ । ମାହୁନ୍ତ ହାତୀଟିକୁ ଯେମିତି କରିବାକୁ କହେ, ସେ ଠିକ୍ ସେମିତି ହିଁ କରେ - ଚାଲିବା, ଉଠିବା, ନମସ୍କାର କରିବା, ପିଠିରେ ବସାଇବା ଇତ୍ୟାଦି । ଏହା ଚିନ୍ତା କରିବା ଯୋଗ୍ୟ ଯେ, ଏତେ ବଡ଼ ଏବଂ ଶକ୍ତିଶାଳୀ ପ୍ରାଣୀ କିପରି ଏହି ମାହୁନ୍ତର ନିୟନ୍ତ୍ରଣକୁ ଆସିଲା ? ମାହୁନ୍ତ ଅମାବାସ୍ୟା ଦିନ, ଯେଉଁ ରାତିରେ ସମ୍ପୂର୍ଣ୍ଣ ଅନ୍ଧକାର ଥାଏ, ସେହି ରାତିରେ ଜଙ୍ଗଲରେ ଆଠ ଫୁଟ ଚଉଡା, ଆଠ ଫୁଟ ଲମ୍ବ ଓ ଆଠ ଫୁଟ ଉଚ୍ଚରେ ଏକ ଗାତ ଖୋଳନ୍ତି ଏବଂ ଏହା ଉପରେ ନଡ଼ା ବିଛାଇ ଦିଅନ୍ତି । ଏହାପରେ ସେମାନେ ତା ଉପରେ ଏକ ମାଈ ହାତୀ ଆକାରରେ ଏକ କାଠ ଫ୍ରେମ ଛିଡା କରନ୍ତି ଓ ତା ଚାରିପାଖେ ମାଈ ହାତୀର ତାଜା ଗୋବର ବିଛାଇଦିଅନ୍ତି । ଏହାପରେ ମାଈ ହାତୀର ଧ୍ୱନିକୁ ରେକର୍ଡ କରି ବଜାନ୍ତି । ମାଈ ହାତୀର ଗୋବର ଗନ୍ଧ ହାତୀର ନାକ ପାଖରେ ପହଞ୍ଚିବା ମାତ୍ରେ, ତାକୁ ସ୍ପର୍ଶ କରିବା ଆଶାରେ ହାତୀ ସେହି ଦିଗକୁ ଦୌଡେ । ଅମାବାସ୍ୟା ରାତିର ଅନ୍ଧାରରେ ତାକୁ ବିଶେଷ କିଛି ଦୃଶ୍ୟମାନ ହୁଏ ନାହିଁ ଏବଂ ମାଈ ହାତୀକୁ ଛୁଇଁବାକୁ ଇଚ୍ଛା କରି କାଠ ନଡା ଉପରେ ପାଦ ରଖିବା ମାତ୍ରେ, ସେ ଗର୍ତ୍ତରେ ଖସିପଡେ । ଖସିପଡ଼ିବା ପରେ ସଙ୍ଗେ ସଙ୍ଗେ ହାତୀ ବାହାରକୁ ଯିବା ପାଇଁ ନିଜର ସମସ୍ତ ଶକ୍ତି ଖଟାଏ ; କିନ୍ତୁ ଗର୍ତ୍ତଟି ଏପରି ଭାବରେ ତିଆରି ହୋଇଥାଏ ଯେ, ଯେତେ ଚେଷ୍ଟା କଲେ ମଧ୍ୟ ସେ ସେଥିରୁ ବାହାରି ପାରେ ନାହିଁ । ତଥାପି କ୍ରମାଗତ ଦୁଇ ଦିନ ସେ ଗର୍ତ୍ତରୁ ବାହାରିବା ପାଇଁ ସମସ୍ତ ପ୍ରୟାସ କରିଥାଏ ଓ ଆହତ ମଧ୍ୟ ହୁଏ ।

ଏଠାରେ ମାହୁନ୍ତ ଦୁଇ ଦିନ ଯାଏଁ ହାତୀ ପାଖକୁ ଆସେ ନାହିଁ । ଦୁଇ ଦିନ ପରେ, ଯେତେବେଳେ ମାହୁନ୍ତ ଆସି ହାତୀ ପାଖରେ ଠିଆ ହୁଏ, ସେ ଦେଖେ ଯେ ହାତୀ ଆଖିରେ କ୍ରୋଧ ଏବେ ବି ଦୃଶ୍ୟମାନ ହେଉଛି ଏବଂ କିଛି ନ କହି ସେଠାରୁ ଚାଲିଯାଏ । ଏହିପରି ଦୁଇରୁ ତିନି ଦିନ ବିତିଯାଏ । ବର୍ତ୍ତମାନ ହାତୀ ବୁଝିଯାଏ ଯେ ସେ ଯେତେ ବୁଦ୍ଧିମାନ ଏବଂ ଶକ୍ତିଶାଳୀ ହେଉ ନା କାହିଁକି, ଏଥିରୁ ବର୍ତ୍ତିବା ତା' ପକ୍ଷେ ଅସମ୍ଭବ। ତୃତୀୟ ଦିନରେ, ମାହୁନ୍ତ ହାତୀ ପାଖକୁ ଆସି ତାକୁ ଦେଖି ପୁଣି ଚାଲିଯାଏ । ସେହି ଦିନ ସନ୍ଧ୍ୟାରେ ସେ ପାଖକୁ ପୁଣି ଆସେ ଓ ଏଥର ହାତୀ ପାଇଁ ଖାଦ୍ୟ ଆଣି ଆସେ ଓ ହାତୀ ନିକଟରେ ଏହି ଖାଦ୍ୟ ପକାଇ ଚାଲିଯାଏ । ଯେହେତୁ ହାତୀ ତିନି ଦିନ ହେଲା ଭୋକିଲା, କ୍ଳାନ୍ତ ଏବଂ ଆଘାତପ୍ରାପ୍ତ, ତେଣୁ ସେ ଦିଆଯାଇଥିବା ଖାଦ୍ୟଗୁଡ଼ିକୁ ଶୀଘ୍ର ଶୀଘ୍ର ଖାଇନିଏ । ଚତୁର୍ଥ ଦିନର ସକାଳେ, ମାହୁନ୍ତ ପୁନର୍ବାର ଆସି ହାତୀ ନିକଟରେ ପୁଣି କିଛି ଖାଦ୍ୟ ପକାଇ ଚାଲିଯାଏ । କିନ୍ତୁ ସେହିଦିନ ସନ୍ଧ୍ୟାରେ ମାହୁନ୍ତ ଆଉ ଖାଦ୍ୟ ପକାଇ ଚାଲିଯାଏ ନାହିଁ, ବରଂ ଖାଇବା ପାଇଁ ହାତୀକୁ ଶୁଣ୍ଢ ଉଠାଇବାକୁ କହିଥାଏ । ଯେତେବେଳେ ହାତୀ ଶୁଣ୍ଢ ଉଠାଏ ସେତେବେଳେ ହିଁ ସେ ତାକୁ ରୁଟି ଏବଂ କଦଳୀ ଦେଇଥାଏ । ବର୍ତ୍ତମାନ ହାତୀ ବୁଝିଯାଏ ଯେ ଯେତେବେଳେ ସେ ନିଜ ଶୁଣ୍ଢ ଉଠାଇବ, ସେତେବେଳେ ହିଁ ଖାଦ୍ୟ ପାଇବ । ଏହିପରି, ମାହୁନ୍ତ ତାକୁ ଧୀରେ ଧୀରେ ସବୁକିଛି ଶିଖାଇବା ଆରମ୍ଭ କରେ ଏବଂ ପରବର୍ତ୍ତୀ ସାତ ଦିନ ପାଇଁ ସମାନ ପ୍ରକ୍ରିୟା ଜାରି ରଖେ । ଯେତେବେଳେ ମାହୁନ୍ତ ଅନୁଭବ କରେ ଯେ ହାତୀ ସଂପୂର୍ଣ୍ଣ ଭାବେ ତା ଅଧିନକୁ ଆସିଗଲା, ସେତେବେଳେ ସେ ତାକୁ ଗାତରୁ ବାହାର କରିଦିଏ । ବର୍ତ୍ତମାନ ହାତୀଟି ମାହୁନ୍ତ କହିବା ଅନୁସାରେ କାମ କରେ ଓ ମାହୁନ୍ତର ସମ୍ପୂର୍ଣ୍ଣ ଦାସ ପାଲଟିଯାଏ । ସାତ ଦିନ ପୂର୍ବରୁ ଜଙ୍ଗଲର ରାଜା ବୋଲାଉଥିବା ହାତୀ , ଏପରିକି ସିଂହ ଯାହାକୁ ଛୁଇଁବାକୁ ସାହସ କରୁନଥିଲା, ସେ ଏକ ମାଈ ହାତୀ ସ୍ପର୍ଶର ଲୋଭରେ ପଡି ସାରା ଜୀବନ ମାହୁନ୍ତର ଅଙ୍କୁଷ ନିର୍ଦ୍ଦେଶରେ ବିତାଇବାକୁ ବାଧ ହୋଇଯାଏ। ସ୍ପର୍ଶର ଲାଳସାରେ ହାତୀ, ନିଜର ସମସ୍ତ ଶକ୍ତି ହରାଇ ମାହୁନ୍ତର ଦାସ ବୋଲାଏ ।

**ରସନ ଇନ୍ଦ୍ରିୟ** (ସ୍ୱାଦ ନେବା) - ମାଛମାନେ ରସନ ବା ସ୍ବାଦ ନେବାକୁ ଅତ୍ୟନ୍ତ ପସନ୍ଦ କରିଥାନ୍ତି । ଯେତେବେଳେ ମତ୍ସ୍ୟଜୀବୀମାନେ ସେମାନଙ୍କର ମାଛ ଜାଲ ଲଗାନ୍ତି, ସେଥିରେ ଅଟାର ଗୁଳା କରି ପାଣିରେ ପକାନ୍ତି । ଅଟାର ଗୁଳା ପ୍ରଲୋଭନରେ ମାଛ ଜାଲରେ ପଡ଼ିଯାଏ । ଅଟାର ଗୁଳା ଖାଇବାକୁ ଚେଷ୍ଟା କରିବା ମାତ୍ରେ ମାଛ ହୁକ୍ ରେ ଲାଗିଯାଏ ଓ କେଉଟ ତାକୁ ଧରିନିଏ । ପୁନର୍ବାର କେଉଟ ହୁକ୍ ସେଟ୍ କରେ ଓ କେବଳ ଗୋଟିଏ ଅଟାର ଗୁଳା ବିନିମୟରେ ଅନେକ ମାଛ ଧରିନିଏ । ଯଦିଓ ଗୋଟିଏ ମାଛ ଦେଖେ କି ଅନ୍ୟ ଏକ ମାଛ କଣ୍ଟାରେ ଫସିଯାଇଛି, ତେବେ ବି ସ୍ୱାଦର ଆକର୍ଷଣ ହେତୁ ସେ ସେହି ସମାନ ଜାଲରେ ଫସେ । ଏହି ପ୍ରକାରେ ସ୍ୱାଦର ଆକର୍ଷଣ ଯୋଗୁଁ ମାଛ ମଧ୍ୟ ପ୍ରାଣ ହରାଏ ।

**ଘ୍ରାଣ ଇନ୍ଦ୍ରିୟ** (ଶୁଙ୍ଘିବା) - ଭଗବାନ ଭଅଁରକୁ ଏତେ ଶକ୍ତି ଦେଇଛନ୍ତି ଯେ ଯେଉଁ ଗଛ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ସେ ତାହାକୁ କାଟି ତା ଭିତରେ ଏକ ଗାତ ସୃଷ୍ଟି କରି ନିଜର ଘର ନିର୍ମାଣ କରିପାରେ । ଏହାର ଆଗ ଦାନ୍ତ ଅତ୍ୟନ୍ତ ତୀକ୍ଷ୍ଣ ଏବଂ ଟାଣ ରୁ ଟାଣ ଗଛରେ ମଧ୍ୟ ସେମାନେ ଛିଦ୍ର ତିଆରି କରିପାରନ୍ତି । କିନ୍ତୁ ଏହି ଭଅଁର ଦୁର୍ବଳତା ହେଉଛି ଗନ୍ଧ । ପଦ୍ମଫୁଲ କିମ୍ବା ଅନ୍ୟ କୌଣସି ଫୁଲର ପରାଗ ଗ୍ରହଣ କରିବାକୁ ଯାଇ ଭଅଁର ସେମାନଙ୍କ ଉପରେ ବସେ । ପଦ୍ମଫୁଲର ବିଶେଷତ୍ୱ ହେଉଛି ଏହା ସକାଳେ ଫୁଟେ ଏବଂ ସନ୍ଧ୍ୟାରେ ସୂର୍ଯ୍ୟକିରଣର ଗତି କମିବା ସହିତ, ତାର ପାଖୁଡା ଗୁଡ଼ିକ ସଙ୍କୁଚିତ ହେବାକୁ ଲାଗେ ଏବଂ ଶେଷରେ ବନ୍ଦ ହୋଇଯାଏ ।
ଫୁଲରୁ ପରାଗ ସଂଗ୍ରହ କରୁ କରୁ ଭଅଁର ଏହା ବି ଭୁଲିଯାଏ କି ସନ୍ଧ୍ୟାରେ ଫୁଲର ପାଖୁଡାଗୁଡିକ ବନ୍ଦ ହୋଇଯିବ । ଗନ୍ଧର ଲୋଭ ଯୋଗୁଁ ସେ ସେଠାରେ ବସି ରହେ । ଧୀରେ ଧୀରେ, ସନ୍ଧ୍ୟାରେ, ଫୁଲର ପାଖୁଡା ବନ୍ଦ ହେବା ସଙ୍ଗେ ସଙ୍ଗେ ଭଅଁର ବି ତା ମଧ୍ୟରେ ବନ୍ଦ ହୋଇଯାଏ

| ଯଦି ଭଅଁର ଚାହିଁଲେ, ଏହା ନିଜର ତୀକ୍ଷ୍ଣ ଦାନ୍ତ ସାହାଯ୍ୟରେ ପାଖୁଡାରେ ଛିଦ୍ର କରି କରିପାରନ୍ତା ଓ ବାହାରକୁ ଆସି ଯାଇପାରନ୍ତା, କିନ୍ତୁ ଗନ୍ଧ ଓ ପରାଗର ଲୋଭ ତାକୁ ପାଖୁଡା ଭିତରେ ଫସି ରହିବାକୁ ବାଧ କରେ । ଯଦି କେବେ କେହି ପାଦ ତଳେ ଫୁଲଟିକୁ ମକଚିଦିଏ, ତା ମଧ୍ୟରେ ଥିବା ଭଅଁରଟି ମଧ ପ୍ରାଣ ହରାଇଥାଏ । ଆମେ ଦେଖିଲେ ଗନ୍ଧ ପ୍ରତି ଅହେତୁକ ଆକର୍ଷଣ ହେତୁ କିପରି ଭ୍ରମରଟିକୁ ପ୍ରାଣ ହରାଇବାକୁ ହେଲା।

ଏହିପରି ଆମେ ଦେଖୁ ଯେ ଶବ୍ଦର ଆକର୍ଷଣ ହେତୁ ହରିଣଟି ମରିଗଲା, ରୂପର ଆକର୍ଷଣ ହେତୁ ପତଙ୍ଗଟି ମରିଗଲା, ସ୍ପର୍ଶ ଆକର୍ଷଣ ଯୋଗୁଁ ହାତୀକୁ ନିଜର ଶକ୍ତି ହରାଇବାକୁ ହେଲା, ସ୍ବାଦର ଆକର୍ଷଣ ହେତୁ ମାଛର ମୃତ୍ୟୁ ଘଟିଲା ଏବଂ ଗନ୍ଧର ଆକର୍ଷଣ ହେତୁ ଭଅଁରର ମୃତ୍ୟୁ ଘଟିଲା ।

ଯଦି ଏହି ସମସ୍ତ ଜୀବମାନଙ୍କୁ ଗୋଟିଏ ଗୋଟିଏ ଇନ୍ଦ୍ରିୟର ଆକର୍ଷଣ ହେତୁ ଜୀବନ ହରାଇବାକୁ ପଡେ, ତେବେ ମଣିଷ ବିଷୟରେ କଳ୍ପନା କରନ୍ତୁ ତ ତାର କି ଗତି ହେବ ! ଯାହାକୁ ଶୁଣିବାକୁ ସୁନ୍ଦର ସଂଗୀତ ଦରକାର, ଦେଖିବାକୁ ସୁନ୍ଦର ଜିନିଷ, ସ୍ପର୍ଶ ପାଇଁ ମଖମଲି ଗଦି, ଖାଇବାକୁ ସ୍ୱାଦିଷ୍ଟ ଭୋଜନ ଦରକାର ଏବଂ ଇତରର ସୁଗନ୍ଧ ବି ଦରକାର । ମଣିଷର ଏହି ପାଞ୍ଚଟି ଇନ୍ଦ୍ରିୟର ଆସକ୍ତି ହେତୁ ସେ ବାରମ୍ବାର ଏହି ପୃଥିବୀରେ ଜନ୍ମ ନିଏ ଏବଂ ମୃତ୍ୟୁବରଣ କରେ ।

**15.10**

**ଉତ୍କ୍ରାମନ୍ତଂ(ମ୍) ସ୍ଥିତଂ(ୱୁଁ) ବାପି, ଭୁଞ୍ଜାନଂ(ୱୁଁ) ବା ଗୁଣାନ୍ୱିତମ୍।**
**ବିମୂଢା ନାନୁପଶ୍ୟନ୍ତି, ପଶ୍ୟନ୍ତି ଜ୍ଞାନଚକ୍ଷୁଷଃ॥15.10॥**

ଗୁଣଯୁକ୍ତ ଜୀବାତ୍ମା ଶରୀର ଛାଡି ଯାଉଥିଲେ ମଧ, ଅନ୍ୟ ଶରୀରରେ ସ୍ଥିତ ହେଉଥିଲେ ମଧ ଅଥବା ବିଷୟ ଉପଭୋଗ କରୁଥିଲେ ମଧ ତାହାର ବାସ୍ତବ ସ୍ବରୂପକୁ ମୂଢ ଲୋକେ ଜାଣନ୍ତି ନାହିଁ, ଜ୍ଞାନଚକ୍ଷୁସମ୍ପନ୍ନ ଜ୍ଞାନୀ ମନୁଷ୍ୟ ହିଁ ଜାଣନ୍ତି ।

**ବିବେଚନ -**

ହେ ଅର୍ଜୁନ ! ଶରୀର ଛାଡି ଚାଲିଯାଉଥିବା, ଶରୀରରେ ରହିଥିବାବେଳେ ଆମେ ତିନି ପ୍ରକାର ବିଷୟ ରସ ଭୋଗ କରନ୍ତି ଏହି ତତ୍ତ୍ୱକୁ କେବଳ ବିବେକବାନ ଜ୍ଞାନୀ ହିଁ ଜାଣିପାରନ୍ତି । ଭଗବାନ କହିଛନ୍ତି ତତ୍ତ୍ୱଜ୍ଞ ମହାପୁରୁଷ ହିଁ ଏହି କଥା ବୁଝିପାରନ୍ତି ।
ଆମେ ତ ଗୀତା ଶୁଣିଦେଲେ ବା ପଢ଼ିଦେଲେ ଆମକୁ ଜ୍ଞାନ ପ୍ରାପ୍ତ ହେଇଯିବ, ତେବେ ଗୁରୁଙ୍କ ଦିଗ୍ ଦର୍ଶନର ପ୍ରୟୋଜନ କଣ ବୋଲି ଅନେକେ ଭାବିଥାନ୍ତି, କିନ୍ତୁ ଏପରି ହୁଏନା । ଏଥିପାଇଁ ଦିବ୍ୟଶକ୍ତି ଆବଶ୍ୟକ । ଅର୍ଜୁନ ଯେତେବେଳେ କହିଲେ ତାଙ୍କୁ ଭଗବାନଙ୍କର ବିରାଟ ବିଶ୍ୱରୂପ ଦେଖିବାର ଅଛି ସେତେବେଳେ ଭଗବାନ ତାଙ୍କୁ ଦିବ୍ୟଚକ୍ଷୁ ପ୍ରଦାନ କରିଲେ । ପରମାତ୍ମାଙ୍କୁ ଜାଣିବାକୁହେଲେ ଗୁରୁଙ୍କର ଆବଶ୍ୟକତା ନିଶ୍ଚୟ ରହିଛି । ସେ ହିଁ ଆମକୁ ଦିବ୍ୟଦୃଷ୍ଟି ଦେଇପାରିବେ । ଅର୍ଜୁନ ଏମିତି ଭଗବାନଙ୍କୁ ଦେଖିପାରୁଥିଲେ କିନ୍ତୁ ବିଶ୍ୱରୂପ ଦର୍ଶନ ପାଇଁ ତାଙ୍କୁ ଦିବ୍ୟଦୃଷ୍ଟିର ଆବଶ୍ୟକତା ପଡିଲା । ଏହି ଗହନ କଥା ଶୁଣିଲେ ଆମକୁ ବି ବୁଝିଲାପରି ଲାଗେ , କିନ୍ତୁ ଆମ ଜୀବନରେ ଏକଥା ଘଟୁନି । ସେଥିପାଇଁ ଆମକୁ ଦିବ୍ୟଦୃଷ୍ଟି ପ୍ରଦାନକାରୀ ଗୁରୁ ଦରକାର । କିନ୍ତୁ ଜ୍ଞାନୀ ଲୋକ ଜାଣନ୍ତି ଯେ ଯିଏ ଆସିଚି ସେ ଦିନେ ନା ଦିନେ ଯିବ । ଏମିତି କେହି ନାହିଁ, ଯିଏ ସବୁଦିନପାଇଁ ଏଠାରେ ରହିଥିବ ।

ସମସ୍ତଙ୍କୁ ଦିନେ ନା ଦିନେ ମୃତ୍ୟୁକୁ ବରିବାକୁ ହେବ । ଏହା ଆମ ସମସ୍ତଙ୍କୁ ଜଣା, ତଥାପି ମୋହଗ୍ରସ୍ତ ମନୁଷ୍ୟ ମୃତ୍ୟୁରେ ଶୋକ କରେ ଓ କ୍ରନ୍ଦନ କରେ । ଏହାହିଁ ସବୁଠାରୁ ବଡ ଆଶ୍ଚର୍ଯ୍ୟ !

ଏହା ହେଉଛି ଜ୍ଞାନୀ ଏବଂ ଅଜ୍ଞାନୀ ମଧ୍ୟରେ ପାର୍ଥକ୍ୟ । ତେଣୁ ଖାଲି ଭଲକଥା ଶୁଣିବା ବା ତାର ପ୍ରଶଂସା କରିବା ଯଥେଷ୍ଟ ନୁହେଁ ବରଂ ଏହି କଥା (ସୁକ୍ତି )ନିଜ ଜୀବନରେ ପ୍ରୟୋଗ କରିବା ଉଚିତ । ଆମର ଏହି ଅଦ୍ୱିତୀୟ ଜୀବନକୁ ସତସଙ୍ଗ ଓ ପୂଜାପାଠରେ ଲଗେଇ ଆମେ ଆମ ଜୀବନକୁ ସୁଖମୟ କରିପାରିବା ।

**15.11**

## ଯତନ୍ତୋ ଯୋଗିନଶ୍ଚୈନଂ(ମ୍), ପଶ୍ୟନ୍ତ୍ୟାତ୍ମନ୍ୟବସ୍ଥିତମ୍।
## ଯତନ୍ତୋଽପ୍ୟକୃତାତ୍ମାନୋ, ନୈନଂ(ମ୍) ପଶ୍ୟନ୍ତ୍ୟଚେତସଃ।।୧୧।।

ପ୍ରଯତ୍ନଶୀଳ ଯୋଗୀମାନେ ନିଜ ମଧ୍ୟରେ ଅବସ୍ଥିତ ଏହି ପରମାତ୍ମତତ୍ତ୍ୱକୁ ଅନୁଭବ କରନ୍ତି । କିନ୍ତୁ ଅଶୁଦ୍ଧ ଅନ୍ତଃକରଣଯୁକ୍ତ ଅବିବେକୀ ( ଅଜ୍ଞାନୀ ) ମନୁଷ୍ୟ ଯେତେ ଯତ୍ନ କଲେ ମଧ୍ୟ ଏହି ତତ୍ତ୍ୱକୁ ଅନୁଭବ କରି ପାରନ୍ତି ନାହିଁ ।

**ବିବେଚନ -**

କେତେକ ଲୋକଙ୍କ ମନରେ ଗୋଟିଏ ପ୍ରଶ୍ନ ଆସେ । ଆମ ଜୀବନରେ ଆମ ଚତୁଃର୍ପାର୍ଶ୍ୱରେ ଏପରି ଅନେକ ଲୋକ ଅଛନ୍ତି ଯିଏ କେତେପ୍ରକାରର ସାଧନା କରନ୍ତି । କେତେକ ଲୋକ ପ୍ରତିଦିନ ହଜାରଥର, ଲକ୍ଷେ ଥର, ନାମ ଜପ କରନ୍ତି, କେତେକ ଲୋକ ତିନି ଚାରି ଘଣ୍ଟା ପୂଜା ଉପାସନା କରନ୍ତି ତଥାପି ଏମାନେ ଏପରି କିଛି କାମ କରନ୍ତି ଯାହା ଏମାନେ କରିବା ଉଚିତ ନୁହେଁ, ଯେପରି ଗାଳି କରିବା ବା ଜମିବାଡ଼ି ଧନସମ୍ପତି ପାଇଁ ଝଗଡା କରିବା ଇତ୍ୟାଦି । ସେତେବେଳେ ଆମ ମନରେ ଆସେ ଯେ ଏମାନଙ୍କର ପୂଜାଉପାସନାରେ କି ଲାଭ ?

ଶ୍ରୀ ଭଗବାନ କହିଛନ୍ତି ଯତ୍ନ ତ କରିବାକୁ ହବ, କିନ୍ତୁ ତା ସହିତ ନିଜର ଅନ୍ତଃକରଣର ଶୁଦ୍ଧି ବି କରିବାକୁ ପଡିବ । ନିଜର କେଉଁ ଅବଗୁଣ ଅଛି ସେକଥା କେବଳ ସତ୍ତ୍ୱଗୁଣ ସମ୍ପନ୍ନ ବ୍ୟକ୍ତିଙ୍କୁ ଜଣାଥାଏ । ନିଜର ଅବଗୁଣ ଦୂର କରିବା ଦ୍ୱିତୀୟ କଥା, ପ୍ରଥମ କଥା ହେଉଛି, କାମ କ୍ରୋଧ ଲୋଭ ମୋହ ଭିତରୁ କେଉଁ ଅବଗୁଣର ପ୍ରଭାବ ଆମ ଉପରେ ଅଧିକ ତାହା ଜାଣିବା । ରଜଗୁଣ ବା ତମଗୁଣ ସମ୍ପର୍ଣ୍ଣ ବ୍ୟକ୍ତିଙ୍କୁ ଏହା ଜଣା ନଥାଏ । ନିଜର ଅବଗୁଣଗୁଡିକୁ ଅଣଦେଖା କରି, ସବୁବେଳେ ଅନ୍ୟକୁ ଦୋଷ ଦେଉଥାଏ ।

ଆମେ ସବୁ ଭାବୁ ଏମିତି କଣ କରିବା ଯଦ୍ଵାରା ଆମକୁ ଜୀବନ ମରଣର ଚକ୍ରରୁ ମୁକ୍ତି ମିଳିବ, ମୋକ୍ଷ ମିଳିବ ଓ ଭଗବତ ପ୍ରାପ୍ତି ହେବ । ଖାଲି କିଛି କର୍ମ କରିଲେ ଏମିତି ହୁଏନାହିଁ । ଯତ୍ନଶୀଳ ଯୋଗୀ ନିଜର ହୃଦୟସ୍ଥ ପରମାତ୍ମାଙ୍କୁ ଜାଣନ୍ତି, ତାଙ୍କ ଅନ୍ତଃକରଣ ଶୁଦ୍ଧ ହୋଇଥାଏ । ନିଜର ଅନ୍ତଃକରଣକୁ ଶୁଦ୍ଧ କରିନଥିବା ଅଜ୍ଞାନୀ ବ୍ୟକ୍ତି ଯେତେ ଯତ୍ନ କରିଲେବି ତାଙ୍କୁ ଜାଣିପାରିବେନି । ବେଳେବେଳେ ଆମେ ଭାବୁ କି ଆମେ କୋଡିଏ ବର୍ଷ ହେଲାଣି ଗୀତା ପଢୁଛୁ, ଏତେ ବର୍ଷ ହେଲାଣି ଧ୍ୟାନ କରୁଛୁ, ଭଗବାନଙ୍କର ଏତେ ସେବା କରୁଛୁ, ଜପ ବି କରୁଛୁ । ଆମେ ଏସବୁ କରୁଛୁ କିନ୍ତୁ ସୁଯୋଗ ମିଳିଲେ ଅନ୍ୟର ନିନ୍ଦା କରିବାକୁ ପଛଉନୁ । କେବେ କେବେ ଏତେ କଡା କଥା କହିଦେଉ ଯେ ଅନ୍ୟର ମନକୁ ଦୁଃଖ କରିଦେଉ । ଏପରି ହେଲେ ଅନ୍ୟମାନଙ୍କର ମନରେ ସନ୍ଦେହ ହୁଏ ଯେ ଯେ କରୁଥିବା ସତସଙ୍ଗର ଲାଭ କଣ ହେଲା ? ଏପରି ପୂଜାପାଠରେ କିଛି ଲାଭ ନାହିଁ ଏପରି କଥା(ଉଲ୍ଟାଗୁଣା ) ସମସ୍ତଙ୍କଠାରୁ ଶୁଣିବାକୁ ପଡେ ।

ଶ୍ରୀ ଭଗବାନ କହିଛନ୍ତି ଯେ ଅନ୍ତଃକରଣର ଶୁଦ୍ଧି ନକଲେ ମନୁଷ୍ୟ ଅଜ୍ଞାନୀ ହିଁ ରହେ । ଆମକୁ ତ ଯତ୍ନ ହିଁ କରିବାକୁ ପଡିବ, ଆମକୁ ସାଧନା ସାଥିରେ ତାକୁ କାମରେ ମଧ୍ୟ ଲଗେଇବାକୁ ପଡିବ । ଯଦି ଆମେ ଆମର ପାପ ଭାବନାକୁ ତ୍ୟାଗ କରିବାନାହିଁ ତେବେ କଣ ଆମେ ଆମ ପରମାତ୍ମାଙ୍କୁ କେବେ ବି ପାଇପାରିବା ? ବର୍ଷ ବର୍ଷ ଧରି ଧୂଳି ଜମିରହିଥିବା ଦର୍ପଣଟିଏ ଆମ ସମ୍ମୁଖକୁ ଆସିଲେ, ଆମେ ସେଥିରେ ଆମର ପ୍ରତିବିମ୍ବ ଦେଖିପାରୁନା କିନ୍ତୁ ଆମେ ସେ ଧୂଳିକୁ ସଫା କରିଦେଲା ମାତ୍ରେ ସେଥିରେ ଆମର ପ୍ରତିବିମ୍ବ ସ୍ପଷ୍ଟ ରୂପେ ଦେଖାଯାଏ । ପ୍ରତିବିମ୍ବ ତ ସେଇଠି ଥାଏ, ମାତ୍ର ମଇଳା ଥିବାରୁ ଦେଖାଯାଏ ନାହିଁ । ସେହିପରି ପରମାତ୍ମା ତ ଆମ ସହିତ ସଦା ସର୍ବଦା ରହିଛନ୍ତି, ତାଙ୍କୁ ପ୍ରାପ୍ତ କରିବାକୁ ହେଲେ ଆମ ଉପରେ ଜମି ଥିବା ବାସନା ରୂପକ ଧୂଳି ଓ ଆମ ପିଠି ଉପରେ ଥିବା କର୍ମବନ୍ଧନର ମଇଳା ଗଣ୍ଠୁଲିକୁ ହଟାଇବାକୁ ହେବ । ଭଗବାନଙ୍କୁ ଧ୍ୟାନ କଲେ କିମ୍ବା ତାଙ୍କ ନାମ ଜପ ଦ୍ୱାରା ଅନ୍ତଃକାରଣର ଶୁଦ୍ଧି ତ ନିଶ୍ଚୟ ହୁଏ, କିନ୍ତୁ ଆମକୁ ଏସବୁ ହୃଦୟର ସହିତ କରିବାକୁ ହୁଏ, ତେବେ ଯାଇ ଆମେ ଶୁଦ୍ଧ ହୋଇପାରିବା । ଦୈବୀ ଗୁଣ ଆମ ଭିତରେ ବଢୁଛି କି ନାହିଁ ଆମକୁ ଦେଖିବାକୁ ହେବ । ଅନ୍ତଃକରଣ ଶୁଦ୍ଧି ବିନା ଜ୍ଞାନ ଆମକୁ କେବେ ହେଁ ଛୁଇଁ ପାରିବନାହିଁ । ଅନ୍ତଃକରଣ ଶୁଦ୍ଧ ହେଲାମାତ୍ରେ ଆମକୁ ପ୍ରତ୍ୟେକ ସ୍ଥାନରେ ଭଗବାନ ଦୃଶ୍ୟ ହେବେ ।

**15.12**

## ଯଦାଦିତ୍ୟଗତଂ(ନ୍) ତେଜୋ, ଜଗଦ୍ଭାସୟତେଽଖିଲମ୍।
## ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ, ତତ୍ତେଜୋ ବିଦ୍ଧି ମାମକମ୍।।୧୨।।

ସୂର୍ଯ୍ୟଙ୍କୁ ପ୍ରାପ୍ତ ଯେଉଁ ତେଜ ସମଗ୍ର ଜଗତକୁ ଆଲୋକିତ କରୁଛି ଏବଂ ଚନ୍ଦ୍ର ତଥା ଅଗ୍ନିରେ ଯେଉଁ ତେଜ ରହିଛି, ତାହା ମୋର ତେଜ ବୋଲି ଜାଣ ।

**ବିବେଚନ -**

ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି, ହେ ଅର୍ଜୁନ ସୂର୍ଯ୍ୟଙ୍କ ଭିତରେ ସ୍ଥିତ ଯେଉଁ ତେଜ ସମ୍ପୂର୍ଣ୍ଣ ଜଗତକୁ ପ୍ରକାଶମୟ କରୁଛି ସେହି ତେଜ ଚନ୍ଦ୍ର ଓ ଅଗ୍ନି ମଧ୍ୟରେ ବି ଅଛି। ତାହା ମୋର ଅଟେ।

ପରବର୍ତ୍ତୀ ତିନିଟି ଶ୍ଳୋକ ମାଧ୍ୟମରେ ଭଗବାନ ନିଜର ସୂକ୍ଷ୍ମାତିସୂକ୍ଷ୍ମ ସତ୍ତା ବିଷୟରେ ଅବଗତ କରାଇଛନ୍ତି। କିଛି ଉଦାହରଣ ମାଧ୍ୟମରେ କହିଛନ୍ତି ଯେ ସେ ସମଗ୍ର ଜଗତରେ ପରିବ୍ୟାପ୍ତ। ମହାକାଶର ଧାରଣ ଶକ୍ତି, ଅଗ୍ନିର ତେଜ, ସୂର୍ଯ୍ୟ ଓ ଚନ୍ଦ୍ରମାଙ୍କର ରସାତ୍ମକ ସୃଷ୍ଟି ସବୁକିଛି ତାଙ୍କରି ଠାରୁ ସୃଷ୍ଟି ।

ଅଭ୍ୟାସ ବିନା ଅନ୍ତଃକରଣର ଶୁଦ୍ଧି ହୋଇପାରେ ନାହିଁ। ଉଦାହରଣତଃ ଯେତେବେଳେ ଆମ ମୋବାଇଲ ଫୋନରେ କିଛି ନୂଆ ଭଜନ ରଖିବାକୁ ଚାହାନ୍ତି ତ ସେଥିରେ ଜାଗା ବା ମେମୋରୀ ନଥାଏ । ସେଥିରୁ କିଛି ସ୍ଥାନ ଖାଲି କଲେହିଁ ଆମେ ନୂଆ କିଛି ରଖିପାରିବା । କିନ୍ତୁ ଆମେ ତାହା କରିପାରୁନାହିଁ କାରଣ ସେଥିରେ ଆମର ମୋହ ଲାଗିଯାଇଥାଏ । ସେହିପରି ଆମ ମନ ଓ ବୁଦ୍ଧି ଭିତର ଯେଉଁ ମଇଳା ଅଛି ତାକୁ ଦୂର ନକଲେ ଅନ୍ତଃକରଣ ଶୁଦ୍ଧି କିପରି ହେବ ? ଆମେ ଭାବୁଛେ କିଛି ତ୍ୟାଗ ନକରି ସବୁକିଛି ପାଇଯିବା । ଏହା କିନ୍ତୁ ସମ୍ଭବ ନୁହେଁ ।

**15.13**

**ଗାମାବିଶ୍ୟ ଚ ଭୂତାନି, ଧାରୟାମ୍ୟହମୋଜସା।**
**ପୁଷ୍ଣାମି ଚୌଷଧୀଃ(ସ୍) ସର୍ବାଃ(ସ୍), ସୋମୋ ଭୂତ୍ୱା ରସାତ୍ମକଃ।।୧୩।।**

ମୁଁ ନିଜେ ହିଁ ପୃଥିବୀରେ ପ୍ରବିଷ୍ଟ ହୋଇ ମୋର ଶକ୍ତି ଦ୍ୱାରା ସମସ୍ତ ପ୍ରାଣୀଙ୍କୁ ଧାରଣ କରୁଛି ଏବଂ ମୁଁ ହିଁ ରସମୟ ଚନ୍ଦ୍ରରୂପରେ ସମସ୍ତ ଔଷଧିକୁ ( ବନସ୍ପତିକୁ ) ପରିପୁଷ୍ଟ କରୁଛି ।

**ବିବେଚନ -**

ଭଗବାନ କହୁଛନ୍ତି କି ମୁଁ ପୃଥିବୀ ପୃଷ୍ଠରେ ପ୍ରବେଶ କରି ସମସ୍ତ ଜଗତକୁ ଧାରଣ କରିଛି । ମୁଁ ରସମୟ ଓ ଅମୃତମୟ ଚନ୍ଦ୍ରମା ରୂପରେ ସମସ୍ତ ଉଦ୍ଭିଦ ଜଗତକୁ ପୃଷ୍ଟ କରୁଛି। ଭଗବାନ ନିଜର ସ୍ଥୂଳ ସତ୍ତାର ବର୍ଣ୍ଣନା କରିବା ସହ ସୂକ୍ଷ୍ମ ସତ୍ତାର ମଧ ବର୍ଣ୍ଣନା କରିଛନ୍ତି । ସୂର୍ଯ୍ୟ ଓ ଚନ୍ଦ୍ର ତ ଦୂରର କଥା ଭଗବାନ ଏହି ଶ୍ଳୋକ ମାଧ୍ୟମରେ କହିଛନ୍ତି ଯେ ମନୁଷ୍ୟ ନିକଟରେ ଯାହା ବି ବସ୍ତୁ ଅଛି ସେଥିରେ ମଧ ସେ ସୂକ୍ଷ୍ମ ରୂପରେ ବିଦ୍ୟମାନ। ଭଗବାନ କହୁଛନ୍ତି ଯେ ପୃଥିବୀ ପୃଷ୍ଠରେ ପ୍ରବେଶ କରି ସେ ସମସ୍ତ ଜୀବଜଗତକୁ ଧାରଣ କରିଛନ୍ତି, ସମସ୍ତ ଉଦ୍ଭିଦ ଜଗତ ଓ ଔଷଧିୟ ବନସ୍ପତି ଭଗବାନଙ୍କ ଦ୍ୱାରା ପରିପୃଷ୍ଟ ଓ ପ୍ରସ୍ଫୁଟିତ ହେଉଛି।

**15.14**

**ଅହଂ(ୱ୍ଁ) ବୈଶ୍ୱାନରୋ ଭୂତ୍ୱା, ପ୍ରାଣିନାଂ(ନ୍) ଦେହମାଶ୍ରିତଃ।**
**ପ୍ରାଣାପାନସମାୟୁକ୍ତଃ(ଫ୍), ପଚାମ୍ୟନ୍ନଂ(ଞ୍) ଚତୁର୍ବିଧମ୍॥15.14॥**

ପ୍ରାଣୀମାନଙ୍କ ଶରୀରରେ ସ୍ଥିତ ମୁଁ ପ୍ରାଣ ଓ ଅପାନଯୁକ୍ତ ବୈଶ୍ୱାନର ( ଜଠରାଗ୍ନି ) ହୋଇ ଚାରିପ୍ରକାର ଅନ୍ନକୁ ଜୀର୍ଣ୍ଣ କରେ ।

**ବିବେଚନ -**

ଭଗବାନ ଏଠାରେ ଅର୍ଜୁନଙ୍କୁ ବୁଝାଇ କହୁଛନ୍ତି, "ହେ ଅର୍ଜୁନ ମୁଁ ପ୍ରତ୍ୟେକ ଜୀବର ଶରୀରରେ ସ୍ଥିତ ପ୍ରାଣ ଅଟେ। ପ୍ରାଣ ଓ ଅପାନ ସହ ଯୁକ୍ତ ହୋଇ ମୁଁ ହିଁ ଚାରିପ୍ରକାର ଅନ୍ନକୁ ଜୀର୍ଣ୍ଣ କରାଏ।"

ଅଗ୍ନି ତିନିପ୍ରକାରର। ଭଗବାନ ଏଠାରେ ବୈଶ୍ୱାନର ଅଗ୍ନି ବିଷୟରେ କହିଛନ୍ତି । ପ୍ରଥମଟି **ବଡବାଗ୍ନି** ଯାହା ସମୁଦ୍ର ଗର୍ଭରେ ଦେଖାଯାଏ। ଦ୍ୱିତୀୟରେ **ଦାବାଗ୍ନି** ଯାହା ଜଙ୍ଗଲ ମଧ୍ୟରେ ଦେଖାଯାଏ ଓ ଶେଷଟି ହେଉଛି **ଜଠରାଗ୍ନି** ଯାହା ଆମ ଶରୀରସ୍ଥ ପାକସ୍ଥଳୀରେ ଖାଦ୍ୟ ପଦାର୍ଥକୁ ଜୀର୍ଣ୍ଣ କରାଏ । ଏ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ନି ରୂପରେ ଭଗବାନ ନିଜେ ବିଦ୍ୟମାନ ବୋଲି କହିଛନ୍ତି।

ଅନ୍ନ ଚାରି ପ୍ରକାରର - ଯଥା **ଚର୍ବ୍ୟ, ଚୋଷ୍ୟ, ଲେହ୍ୟ ଓ ପେୟ**। (ଯାହା ଚୋବେଇ ଖିଆଯାଏ, ଯାହା ଚୋଷଣ କରାଯାଏ, ଯାହା ଚାଟି କି ଖିଆଯାଏ ଓ ଯାହା ପିଆଯାଏ) ଏବଂ ସେ (ଭଗବାନ୍) ଏସବୁକୁ ଜୀର୍ଣ୍ଣ କରାଇଥାନ୍ତି।

ପ୍ରାଣ ମଧ୍ୟ ପାଞ୍ଚପ୍ରକାର ଅଟେ - ଯଥା **ବ୍ୟାନ**, **ସମାନ**, **ଅପାନ** , **ଉଦାନ** ଓ **ପ୍ରାଣ** । ଭଗବାନ କହୁଛନ୍ତି ଯେ ସେ ଏସବୁ ଭିତରେ ରହି ସେ ଅନ୍ନକୁ ଜୀର୍ଣ୍ଣ କରାଉଛନ୍ତି। ସୂର୍ଯ୍ୟଙ୍କର ଶକ୍ତି ବନସ୍ପତିକୁ ପୁଷ୍ଟ କରିବା ସହ ରାତ୍ରୀରେ ଶୀତଳତା ଆଣୁଥିବା ଶିଶିର ବିନ୍ଦୁକୁ ବି ପୁଷ୍ଟ କରେ । କେବଳ ସୂର୍ଯ୍ୟଙ୍କ ପ୍ରକାଶରେ ବନସ୍ପତି ପୁଷ୍ଟ ହୁଏନାହିଁ ବରଂ ସୂର୍ଯ୍ୟଙ୍କର ପ୍ରକାଶ ଓ ଚନ୍ଦ୍ରର ଶୀତଳତା ଉଭୟ ଦ୍ୱାରା ବନସ୍ପତି ପରିପୃଷ୍ଟ ହୁଏ। ତେବେ ଯାଇ ସିନା ଏହା ଆମ ଶରୀରକୁ ବଳ ଯୋଗାଏ।

ଯେବେ ଆମର ଶରୀରରେ ଏହା ପ୍ରବେଶ କରେ ଆମର ଜଠରାଗ୍ନି ଅନ୍ନକୁ ଜୀର୍ଣ୍ଣ କରାଏ। ଯଦି ଆମେ ଓଲଟା ଓହଳି କି ଖାଦ୍ୟ ଖାଇବା ତାହା ଗୁରୁତ୍ୱାକର୍ଷଣ ବିପରୀତ ହେଲେବି ଖାଦ୍ୟ ଆମ ପେଟକୁ ହିଁ ଯିବ। ଏହା ସବୁ ପ୍ରାଣ ଓ ଅପାନ ଦ୍ୱାରା ହେଉଛି। ତାହା ପୁଣି ଜଠରାଗ୍ନିରେ ଜୀର୍ଣ୍ଣ ହୋଇ ରକ୍ତରୁ ମଜ୍ଜା ଓ ଅସ୍ଥି ତିଆରି କରେ। ଯେଉଁ ଶକ୍ତି ସୂର୍ଯ୍ୟ ଓ ଚନ୍ଦ୍ରମା ରେ ଅଛି ତାହା ଆମ ଶରୀରର ପ୍ରତି ଲୋମକୂପରେ ଉର୍ଜା ବା ଶକ୍ତି ରୂପେ ଭରି ରହିଅଛି। ଈଶ୍ୱର ହିଁ ଆମ ଶରୀରରେ ଜଠରାଗ୍ନି ରୂପେ ଖାଦ୍ୟ ପଦାର୍ଥକୁ ଜୀର୍ଣ୍ଣ କରାଉଛନ୍ତି। ସୂର୍ଯ୍ୟାସ୍ତ ପୂର୍ବରୁ ଖାଦ୍ୟ ଖାଇବା ଉଚିତ୍। କାରଣ ସୂର୍ଯ୍ୟାସ୍ତ ପୂର୍ବରୁ ଜଠରାଗ୍ନିର ତେଜ ଅଧିକ ଥାଏ। ରାତ୍ରୀ ସମୟରେ ତାହା କମିଯାଇଥାଏ।

**15.15**

**ସର୍ବସ୍ୟ ଚାହଂ(ମ୍) ହୃଦି ସନ୍ନିବିଷ୍ଟୋ,**
**ମତ୍ତଃ(ସ୍) ସ୍ମୃତିର୍ଜ୍ଞାନମପୋହନଂ(ଞ୍) ଚ।**
**ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ,**
**ବେଦାନ୍ତକୃଦ୍ବେଦବିଦେବ ଚାହମ୍।।୧୫।।**

ମୁଁ ପ୍ରତ୍ୟେକ ପ୍ରାଣୀଙ୍କର ହୃଦୟରେ ବିରାଜମାନ । ମୋ ଠାରୁ ହିଁ ସ୍ମୃତି, ଜ୍ଞାନ ଓ ଅପୋହନ ( ସଂଶୟାଦି ଦୋଷ ନାଶ କାର୍ଯ୍ୟ ) ହୁଏ । ମୁଁ ସମସ୍ତ ବେଦର ଜ୍ଞେୟ ତତ୍ତ୍ୱ । ସମସ୍ତ ବେଦର ତତ୍ତ୍ୱ ନିର୍ଣ୍ଣାୟକ ଏବଂ ବେଦର ଜ୍ଞାତା ମଧ୍ୟ ମୁଁ ।

**ବିବେଚନ -**

ଭଗବାନ କହିଛନ୍ତି, ମୁଁ କ'ଣ ବାହରେ ଥାଏ, ମୁଁ ପ୍ରତ୍ୟେକ ପ୍ରାଣୀଙ୍କର ହୃଦୟରେ ବିରାଜମାନ। ମୁଁ ତୁମ ଭିତରେ ବି ଅଛି। ମୁଁ ଅନ୍ତର୍ଯାମୀ ରୂପରେ ସମସ୍ତ ପ୍ରାଣୀଙ୍କ ହୃଦୟରେ ଅଧିବାସ କରିଅଛି। ମୋ'ଠାରୁ ହିଁ **ସ୍ମୃତି, ଜ୍ଞାନ ଓ ଅପୋହନ** ହୁଏ। ମୁଁ ହିଁ ସମସ୍ତ ବେଦର ଜ୍ଞେୟ ତତ୍ତ୍ୱ। ସମସ୍ତ ବେଦର ତତ୍ତ୍ୱ ନିର୍ଣ୍ଣାୟକ ଏବଂ ବେଦର ଜ୍ଞାତା ମଧ୍ୟ ମୁଁ।

**ସ୍ମୃତି** - ପୂର୍ବରୁ ଦେଖି, ଶୁଣି, କିମ୍ବା ଅନ୍ୟ କୌଣସି ଉପାୟରେ ଅନୁଭବ କରାଯାଇଥିବା ବସ୍ତୁ ଅଥବା ଘଟଣାକୁ ମନେପକାଇବା ଅର୍ଥ ହେଉଅଛି ସ୍ମୃତି।

**ଜ୍ଞାନ** - କୈାଣସି ବସ୍ତୁକୁ ଯଥାର୍ଥ ଭାବରେ ଜାଣିବା ଶକ୍ତି ହେଉଛି ଜ୍ଞାନ। ଏହାର ଅର୍ଥ କିଛି ନୂଆ ଶିଖିବା, କିଛି ନୂଆ ଶୁଣିବା ଓ କିଛି ନୂଆ ଜାଣିବା।

**ଅପୋହନ** - ସନ୍ଦେହ ଦୂରୀକରଣ ପାଇଁ ମନ ମଧ୍ୟରେ ବିତର୍କ ଜାଗ୍ରତ ହୁଏ । ବିତର୍କଦ୍ୱାରା ପ୍ରମାଣିତ ବିଷୟ ହେଉଅଛି ସିଦ୍ଧାନ୍ତ। ଏହି ସିଦ୍ଧାନ୍ତ ଦ୍ୱାରା ବିତର୍କର ନିବୃତ୍ତି ଘଟିଥାଏ । ଏହି ନିବୃତ୍ତିର ନାମ ଅପୋହନ। ଅର୍ଥାତ୍ ନୂଆ ଏବଂ ପୁରୁଣା ସଂଶୟର ନିବାରଣ। ଆମକୁ ଲାଗେ, ମତେ ଜଣା ନାହିଁ ଏହା ଠିକ୍ ନା ତାହା ଠିକ୍। ଏହା ହିଁ ସଂଶୟ। ଏହି ସଂଶୟର ନିବାରଣ ହେଉଛି ଅପୋହନ।

ଅତଏବ ସମସ୍ତଙ୍କ ହୃଦୟରେ ଥିବା ଅନ୍ତର୍ଯାମୀ ପରମାତ୍ମା ପ୍ରାଣୀମାନଙ୍କ କର୍ମ ଅନୁସାରେ ସ୍ମୃତି, ଜ୍ଞାନ ଏବଂ ଅପୋହନ ଇତ୍ୟାଦି ଭାବ ସେମାନଙ୍କ ହୃଦୟରେ ଉତ୍ପନ୍ନ କରୁଅଛନ୍ତି।

ଏହିସବୁ ଉକ୍ତିରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି ପରମାତ୍ମା ସର୍ବବ୍ୟାପକ । ସେ ବେଦବାକ୍ୟର ଫଳଦାତା ଅର୍ଥାତ୍ ବେଦାନ୍ତକୃତ୍ ଅଟନ୍ତି।

**15.16**

**ଦ୍ୱାବିମୌ ପୁରୁଷୌ ଲୋକେ, କ୍ଷରଶ୍ଚାକ୍ଷର ଏବ ଚ।**
**କ୍ଷରଃ(ସ୍) ସର୍ବାଣି ଭୂତାନି, କୂଟସ୍ଥୋଽକ୍ଷର ଉଚ୍ୟତେ।।୧୬।।**

ସଂସାରରେ ଦୁଇ ପ୍ରକାର ପୁରୁଷ ଅଛନ୍ତି - କ୍ଷର ( ବିନାଶୀ ) ଓ ଅକ୍ଷର ( ଅବିନାଶୀ ) । ସମସ୍ତ ପ୍ରାଣୀଙ୍କର ଶରୀର କ୍ଷର ଏବଂ ଜୀବାତ୍ମା ଅକ୍ଷର ବୋଲାଯାଏ ।

**ବିବେଚନ -**

ଏହି ସଂସାରରେ ଦୁଇ ପ୍ରକାର ପୁରୁଷ ଅଛନ୍ତି - ନାଶବାନ ଏବଂ ଅବିନାଶୀ। ଏହାର ଅଲଗା ଅଲଗା ନାମ ମଧ୍ୟ ରହିଛି - କ୍ଷର ଏବଂ ଅକ୍ଷର, ଦେହ ଏବଂ ଦେହୀ, କ୍ଷେତ୍ର ଏବଂ କ୍ଷେତ୍ରଜ୍ଞ ,ଯୋନି ଏବଂ ବୀଜ, ପୁରୁଷ ଏବଂ ପ୍ରକୃତି ।ଏହାର ଅର୍ଥ ସମସ୍ତ ପ୍ରାଣୀଙ୍କର ଶରୀର କ୍ଷର (ବିନାଶୀ ) ଏବଂ ଜୀବାତ୍ମା ଅକ୍ଷର(ଅବିନାଶୀ) ।

ଏହି ଶରୀରର ମୃତ୍ୟୁ ପରେ ତାକୁ ଅଗ୍ନି ସଂଯୋଗ କରି ଦାହ କରାଯାଏ । କିନ୍ତୁ ଆତ୍ମାର ମୃତ୍ୟୁ ନାହିଁ। ସେ ଅନ୍ୟ ଏକ ଶରୀରରେ ପ୍ରବେଶ କରେ । ଅତଏବ ସମସ୍ତ ଭୂତ, ଅର୍ଥାତ୍ ପ୍ରାଣୀମାନଙ୍କ ଶରୀର ନାଶବାନ ଏବଂ ଜୀବାତ୍ମା ଅବିନାଶୀ ଅଟେ।

**15.17**

**ଉତ୍ତମଃ(ଫ୍) ପୁରୁଷସ୍ତ୍ୱନ୍ୟଃ(ଫ୍), ପରମାତ୍ମେତ୍ୟୁଦାହୃତଃ।**
**ଯୋ ଲୋକତ୍ରୟମାବିଶ୍ୟ, ବିଭର୍ତ୍ୟବ୍ୟୟ ଈଶ୍ୱରଃ।।୧୭।।**

ଉତ୍ତମ ପୁରୁଷ କିନ୍ତୁ ଅନ୍ୟ ଜଣେ ( ବିଲକ୍ଷଣ ପୁରୁଷ ), ଯାହାକୁ ପରମାତ୍ମା କୁହାଯାଇଛି । ସେହି ଅବିନାଶୀ ଈଶ୍ବର ତ୍ରିଲୋକରେ ପ୍ରବିଷ୍ଟ ହୋଇ ସମସ୍ତଙ୍କୁ ଭରଣପୋଷଣ କରନ୍ତି ।

**ବିବେଚନ -**

ପ୍ରକୃତି ଏବଂ ପୁରୁଷ ମଧ୍ୟରେ ଯେ ଉତ୍ତମ ସେ ପୁରୁଷୋତ୍ତମ ଈଶ୍ୱର ଅଟନ୍ତି। ସେହି ଉତ୍ତମ ପୁରୁଷ ଯାହାଙ୍କୁ ପରମାତ୍ମା କୁହାଯାଇଛି। ସେହି ଅବିନାଶୀ ଈଶ୍ୱର ତିନିଲୋକରେ ପ୍ରବିଷ୍ଟ ହୋଇ ସମସ୍ତଙ୍କର ଭରଣପୋଷଣ କରନ୍ତି। ଏହି ପୁରୁଷୋତ୍ତମ ଈଶ୍ୱର ସବୁଠାରେ ବ୍ୟାପ୍ତ ଅଟନ୍ତି।

ଆମେ ଏବଂ ପରମାତ୍ମା ଏକ, ଏକଥା ସତ୍ୟ । କିନ୍ତୁ ଏକ ହେଲେ ମଧ୍ୟ ପରମାତ୍ମା ଆମ୍ଭମାନଙ୍କଠାରୁ ବହୁତ ଉପରେ । ପରମାତ୍ମା ଆମକୁ ସୃଷ୍ଟି କରିଛନ୍ତି, ଆମେ ପରମାତ୍ମାଙ୍କୁ ସୃଷ୍ଟି କରିପାରିବା ନାହିଁ । ଯେମିତି ସମୁଦ୍ରର ଏକବୁନ୍ଦା ପାଣିକୁ ଅଲଗା କରିଦେଲେ ତା'ର ଲକ୍ଷଣ ଲୁଣିଆ ରହିଥାଏ କିନ୍ତୁ ତାକୁ ସମୁଦ୍ର କୁହାଯାଇପାରିବ ନାହିଁ। ପୁନଃ ସେହି ପାଣିକୁ ସମୁଦ୍ରରେ ମିଶାଇଦିଆଗଲେ ସେ ପୁଣି ଥରେ ସମୁଦ୍ରରେ ପରିଣତ ହୋଇଯାଏ। ସେହିପରି ପରମାତ୍ମାଙ୍କ ଠାରୁ ଆମର ଉତ୍ପତ୍ତି। ଆମେ ପରମାତ୍ମାଙ୍କ ଏକ ଅଂଶ , ଏବଂ ଅନ୍ତ ସମୟରେ ସେଠାରେ ପୁନଃ ସେହି ପରମାତ୍ମାଙ୍କ ସହ ଆମର ମିଳନ ଘଟିବ ।

**15.18**

**ଯସ୍ମାତ୍କ୍ଷରମତୀତୋଽହମ୍, ଅକ୍ଷରାଦପି ଚୋତ୍ତମଃ।**
**ଅତୋଽସ୍ମି ଲୋକେ ବେଦେ ଚ, ପ୍ରଥିତଃ(ଫ୍) ପୁରୁଷୋତ୍ତମଃ।।୧୮।।**

ଯେହେତୁ ମୁଁ କ୍ଷରରୁ ଅତୀତ ଓ ଅକ୍ଷରରୁ ମଧ୍ୟ ଉତ୍ତମ, ତେଣୁ ଜଗତରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ ।

**ବିବେଚନ -**

ଶ୍ରୀଭଗବାନ କହୁଛନ୍ତି ଯେ ମୁଁ ବିନାଶ ହୋଇଯାଉଥିବା ଜୀବଶ୍ରେଣୀଠାରୁ ଏବଂ ଅବିନାଶୀ ଜୀବାତ୍ମାଠାରୁ ବହୁତ ଉର୍ଦ୍ଧ୍ୱରେ। ତେଣୁ ଲୋକମାନଙ୍କ ମଧ୍ୟରେ ଏବଂ ବେଦରେ, ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ |

ଏହି ଶ୍ଳୋକରେ, ଭଗବାନ ନିଜକୁ ପୁରୁଷୋତ୍ତମ ନାମରେ ନାମିତ କରିଛନ୍ତି, ତେଣୁ ଏହି ଅଧ୍ୟାୟର ନାମ ପୁରୁଷୋତ୍ତମ ଯୋଗ । ଆତ୍ମା ଓ ପରମାତ୍ମା ଏକ ହୋଇଥିଲେ ମଧ୍ୟ ପରମାତ୍ମାଙ୍କର ପରିଚୟ ଶ୍ରେଷ୍ଠ ଅଟେ । ଯେପରି ଜଳବିନ୍ଦୁ ଏବଂ ସମୁଦ୍ରର ମୌଳିକ ଉପାଦାନଗୁଡ଼ିକ ସମାନ, କିନ୍ତୁ ଯେତେବେଳ ଯାଏଁ ବିନ୍ଦୁ ସମୁଦ୍ରରେ ନ ମିଶିଛି, କେବେ ମଧ୍ୟ ଜଳବିନ୍ଦୁକୁ ସମୁଦ୍ର କୁହା ଯାଇପାରିବ ନାହିଁ । ସେହିଭଳି ଆତ୍ମା ଏବଂ ପରମାତ୍ମା ସମାନ ହୋଇଥିଲେ ବି ଭିନ୍ନ ଭିନ୍ନ ଅଟନ୍ତି । ଏହିପରି, ପ୍ରକୃତି, ପୁରୁଷ ଏବଂ ପୁରୁଷୋତ୍ତମ ହେଉଛି ତିନୋଟି ଭିନ୍ନ ସତ୍ୟ ।

**15.19**

**ଯୋ ମାମେବମସମ୍ମୂଢୋ, ଜାନାତି ପୁରୁଷୋତ୍ତମମ୍।**
**ସ ସର୍ବବିଦ୍ଭଜତି ମାଂ(ମ୍), ସର୍ବଭାବେନ ଭାରତ।।୧୯।।**

ହେ ଭରତବଂଶଜ ଅର୍ଜୁନ ! ଏପରି ଭାବରେ ଯେଉଁ ମୋହରହିତ ମନୁଷ୍ୟ ମୋତେ ପୁରୁଷୋତ୍ତମ ବୋଲି ଜାଣେ, ସେହି ସର୍ବଜ୍ଞ ସର୍ବଭାବରେ ମୋତେ ଭଜନ କରେ ।

**ବିବେଚନ -**

ଶ୍ରୀଭଗବାନ କହୁଛନ୍ତି ଯେ ଯିଏ ମୋର ପୁରୁଷୋତ୍ତମ ରୂପକୁ ଜାଣେ, ମୋତେ ବାସୁଦେବଙ୍କ ରୂପରେ ପୂଜା କରେ, ଯିଏ ପରମେଶ୍ୱରଙ୍କୁ ଜାଣନ୍ତି, ସେ ମୋହ ମାୟା ଠାରୁ ଦୂରେଇ ରୁହନ୍ତି ଏବଂ କେବଳ ମୋ ବିଷୟରେ ଚିନ୍ତନ କରନ୍ତି, ସେ ସର୍ବଜ୍ଞାନୀ ।  ଜ୍ଞାନୀ ପୁରୁଷ ହିଁ ଏହି ପରମ ତତ୍ତ୍ୱକୁ ହୃଦୟଙ୍ଗମ କରିପାରେ ।

**15.20**

**ଇତି ଗୁହ୍ୟତମଂ(ମ୍) ଶାସ୍ତ୍ରଂ(ମ୍), ଇଦମୁକ୍ତଂ(ମ୍) ମୟାନଘ।**
**ଏତଦ୍ବୁଦ୍ଧ୍ୱା ବୁଦ୍ଧିମାନ୍ସ୍ୟାତ୍, କୃତକୃତ୍ୟଶ୍ଚ ଭାରତ।।୨୦।।**

ହେ ନିଷ୍ପାପ ଅର୍ଜୁନ ! ଏହିରୂପେ ମୁଁ ତୁମକୁ ଏହି ଅତ୍ୟନ୍ତ ଗୋପନୀୟ ଶାସ୍ତ୍ର କହିଲି । ହେ ଭରତବଂଶଜ ଅର୍ଜୁନ ! ଏହା ଜାଣିଗଲେ ମନୁଷ୍ୟ ଜ୍ଞାନବାନ୍ ( ଜ୍ଞାତଜ୍ଞାତବ୍ୟ ) ତଥା କୃତକୃତ୍ୟ ହୋଇଯାଏ ।

**ବିବେଚନ -**

ହେ ନିଷ୍ପାପ ଅର୍ଜୁନ ! ଏହି ରହସ୍ୟଯୁକ୍ତ ଗୋପନୀୟ ଶାସ୍ତ୍ର ମୋ ଦ୍ୱାରା ହିଁ ତୁମକୁ କୁହାଗଲା । ଭଗବାନ ଏହି ଅଧ୍ୟାୟକୁ ଅତି ଗୋପନୀୟ ଶାସ୍ତ୍ର କହିଛନ୍ତି, ଅର୍ଥାତ୍ ଯିଏ ଏହାର ଅଧିକାରୀ ହୋଇଛି, ସେ ହିଁ ଏହାକୁ ଜାଣିପାରିବେ । ସେହି ଜ୍ଞାନୀ ଏବଂ ବୁଦ୍ଧିମାନ ବ୍ୟକ୍ତି ଯିଏ ଏହାକୁ ଜାଣିପାରିଲା, ସେ ନିଃସନ୍ଦେହ ଜଣେ କୃତାର୍ଥ ବ୍ୟକ୍ତି ।

ଭଗବାନ କହୁଛନ୍ତି ଯେ ମୁଁ ମୋର ପ୍ରିୟ ଭକ୍ତମାନଙ୍କୁ ମୋର ଜ୍ଞାନ ଦେଉଛି । ଆମେ ଅନୁଭବ କରୁଛୁ, ଯେପରି ଆମେ ଗୀତାଜୀଙ୍କୁ ଜାଣୁଛୁ, ତାଙ୍କ କଥା ଶୁଣୁଛୁ । କିନ୍ତୁ ସତ୍ୟ ହେଉଛି ଯେ ଆମେ ଗୀତାଜୀଙ୍କୁ ବାଛି ନାହୁଁ, ଭଗବାନ ଆମ ଉପରେ କୃପା କରିଛନ୍ତି ଏବଂ ଭଗବାନ ଆମକୁ ଏହି କାମ ଲାଗି ଚୟନ କରିଛନ୍ତି । ଯଦି କେଉଁଠାରେ ଗୀତାଜୀଙ୍କର କେବଳ ଗୋଟିଏ ଅଧ୍ୟାୟ ପଢିବାକୁ ହୁଏ , ତେବେ ଏହି ଅଧ୍ୟାୟଟି ପଢାଗଲେ ଏକ ପୂର୍ଣ୍ଣତା ଭାବ ଆସିଯାଏ, କାରଣ ଏହା ଏକ ସମ୍ପୂର୍ଣ୍ଣ ଶାସ୍ତ୍ର ଅଟେ ।

ଜ୍ଞାନେଶ୍ୱର ମହାରାଜ କହିଛନ୍ତି ଯେ ଭଗବାନ ଏଥିରେ ସବୁକିଛି କହି ସାରିଛନ୍ତି ଏବଂ ଗୀତା ଏଠାରେ ସମ୍ପୂର୍ଣ୍ଣ ହୋଇଛି । ଅଷ୍ଟାଦଶ ଅଧ୍ୟାୟ କେବଳ ଶ୍ରୀମଦ୍ଭଗବଦ୍ଗୀତାର ସାରାଂଶ ଅଟେ ।

ହରିନାମ ସଂକୀର୍ତ୍ତନ ପରେ ଆଜିର ଅଧିବେଶନ ସମାପ୍ତ ହେଲା ଏବଂ ପ୍ରଶ୍ନୋତ୍ତର ଅଧିବେଶନ ଆରମ୍ଭ ହେଲା |

**ବିଚାର ମନ୍ଥନ (ପ୍ରଶ୍ନୋତ୍ତରୀ) :-**

**ପ୍ରଶ୍ନକର୍ତ୍ତା -** ପଟେଲ ଦିଦି

**ପ୍ରଶ୍ନ -** ଘରେ ଯଦି କେହି ଜନ୍ମ ହୁଏ କିମ୍ବା କାହାର ମୃତ୍ୟୁ ହୁଏ ତା'ହେଲେ ଘରେ ଅଶୌଚ ହୋଇଥାଏ। ତେଣୁ ଏହି ସମୟରେ ମନ୍ଦିରର ଯାଇପାରିବା ଏବଂ ଶ୍ରାଦ୍ଧ ମଧ୍ଯ କରିପାରିବା କି ନାହିଁ ?

**ଉତ୍ତର -** ଘରେ ଅଶୌଚ ହୋଇଥିବା ସମୟରେ ପୂଜା କରିବା ଅନୁଚିତ୍। ଆଉ ରହିଲା ଶ୍ରାଦ୍ଧ କଥା, ଶ୍ରାଦ୍ଧ ଆପଣ ଆସନ୍ତା ଅମାବାସ୍ୟା ତିଥିରେ କରିପାରିବେ।

**ପ୍ରଶ୍ନକର୍ତ୍ତା -** ସାଧନା ଦିଦି

**ପ୍ରଶ୍ନ -** ଭାଇ ଆପଣ ଯେମିତି ଶ୍ରୀମଦ୍ଭଗବଦ୍ଗୀତା ଏବଂ ବିଷ୍ଣୁ ସହସ୍ର ନାମ ପଠନ ଆରମ୍ଭ କରିଛନ୍ତି ସେହିପରି ରାମାୟଣ ପଠନ ଆରମ୍ଭ କରନ୍ତୁ।

**ଉତ୍ତର -** ନିଶ୍ଚୟ, ଭଗବାନ କରାଇଲେ କରିବି । ଯଦି ଆପଣ ଗୀତା ମାତାଙ୍କୁ ଶୁଦ୍ଧ ଭାବରେ ପଢ଼ିବା ଶିଖିଛନ୍ତି ତାହେଲେ ଆପଣ ଯେକୌଣସି ଶାସ୍ତ୍ର ଶୁଦ୍ଧ ଭାବରେ ପାଠ କରିପାରିବେ ।

**ପ୍ରଶ୍ନକର୍ତ୍ତା -** କଳ୍ପନା ଦିଦି

**ପ୍ରଶ୍ନ -** ମୋତେ ଆପଣଙ୍କ ବିବେଚନ ବହୁତ ଭଲଲାଗେ କିନ୍ତୁ କେଉଁ ଶ୍ଳୋକଟି ଆପଣ ପାଠ କରୁଛନ୍ତି ମୁଁ ଜାଣିପାରୁନି ?

**ଉତ୍ତର -** ଦିଦି ଆପଣ ଯେତେ ଯେତେ ଅଭ୍ୟାସ କରିବେ ତେବେ ଆପଣ ଜାଣିପାରିବେ । ଗ୍ରୁପରେ ମଧ୍ଯ ଆସୁଥିବା ପିଡିଏଫ୍ ରେ ଆପଣ ଦେଖିପାରିବେ।

**ପ୍ରଶ୍ନକର୍ତ୍ତା -** ମନିଷା ଦିଦି

**ପ୍ରଶ୍ନ -** ଆପଣ କହୁଛନ୍ତି କେବଳ ଶରୀର ବଦଳୁଛି, ହେଲେ ବିଚାର ଧାରା ବି ତ ବଦଳେ। ସଂସାରେ ଜନ୍ମ ନେବା ପରେ ସମସ୍ତ ମନୁଷ୍ୟଙ୍କ ମନ ଅତ୍ୟନ୍ତ ସ୍ବଚ୍ଛ ଓ ନିରୀହ ଥାଏ କିନ୍ତୁ କାଳକ୍ରମେ ତାହା ବଦଳି ଯାଏ । ସେଥିରେ ଅନେକ ନକାରାତ୍ମକ ଚିନ୍ତାଧାରା ଆସିଯାଏ। ଏପରି ସ୍ଥଳେ ଆମେ ଭଗବାନଙ୍କ ପାଇଁ କଣ କର୍ମ କରିପାରିବା ?

**ଉତ୍ତର -** ଯାହା ଆମେ ଦେଖିପାରୁ ତାହା ସ୍ଥୂଳ ଶରୀର, ବଦଳିବା ସ୍ବାଭାବିକ ; କିନ୍ତୁ ଏହା ସହ ମନ, ଚିତ୍ତ ଏବଂ ବୁଦ୍ଧି ଆଦି ଯାହାକୁ ଆମେ ସୂକ୍ଷ୍ମ ଶରୀର ବୋଲି ବୁଝୁ, ସେସବୁ ମଧ୍ଯ ବଦଳିଥାଏ।
ହଁ ଆପଣ ଭଗବାନଙ୍କ ପାଇଁ କର୍ମ କରିପାରିବେ, କିନ୍ତୁ କର୍ମ କରିବା ସମୟରେ ଆପଣ ଆପଣଙ୍କ ଭିତରେ କେଉଁ ଭାବନା ନେଇ ସେ କର୍ମ କରୁଛନ୍ତି ତାହା ହେଉଛି ଗୁରୁତ୍ବପୂର୍ଣ୍ଣ। ଯଦି ଭଗବଦ୍ ଭାବନା ନେଇ କର୍ମ କରୁଛନ୍ତି ତେବେ
ତାହା ଭଗବାନଙ୍କ ପାଖେ ପହଞ୍ଚିବ, ଆଉ ଯଦି କୌଣସି ବାସନା ରଖି କର୍ମ କରୁଛନ୍ତି, ତେବେ ତାହା ସାଂସାରିକ କର୍ମ ବୋଲି ଜଣାଯିବ। ପ୍ରଥମୋକ୍ତ ଆପଣଙ୍କ ଭଗବଦ୍ ଭାବନା ସ୍ବତଃ ପୂଜାରେ ପରିଣତ ହୋଇଯାଏ। ଆମ ସମସ୍ତଙ୍କୁ ଏପରି ପାତ୍ରତା ଅର୍ଜନ କରିବାକୁ ହେବ।

ଆମେ ତ ରାଗ, ଦ୍ୱେଷାଦି ଭାବରେ କବଳିତ ହୋଇ ସ୍ବୟଂକୁ ହିଁ କର୍ତ୍ତା ମାନି ନେଉ, ଯାହା ସମ୍ପୂର୍ଣ୍ଣ ଅନୁଚିତ । ବ୍ୟାଙ୍କ୍ କ୍ୟାସିୟରଙ୍କର କାର୍ଯ୍ୟ ହେଉଛି ଟଙ୍କା ଗଣିବା । ଟଙ୍କା କମ୍ ହେଲା କି ବେଶୀ ସେଥିରେ ତାଙ୍କର କିଛି ଯାଏ ଆସେ ନାହିଁ। ସେହିପରି ଆମେ ଯେବେ କର୍ମ କରୁଛେ, ସେ କର୍ମର ଫଳ କଣ ହେବ ସେ ନେଇ ଆମେ ଚିନ୍ତିତ ହେବା ଆଦୌ ଉଚିତ୍ ନୁହେଁ। ରାଗ, ଦ୍ୱେଷ ଆଦି ଠାରୁ ନିଜକୁ ଊର୍ଦ୍ଧ୍ୱରେ ରଖି ଯେଉଁ କର୍ମ କରାଯାଏ, ସ୍ବତଃ ତାହା ପୂଜା ହୋଇ ଭଗବାନଙ୍କ ଠାରେ ଲାଗି ହୋଇଯାଏ।

**ପ୍ରଶ୍ନକର୍ତ୍ତା -** ଅରୁଣ ଭାଇ

**ପ୍ରଶ୍ନ -** ବୋଧ ହେଉଛି ଆପଣଙ୍କ ବିବେଚନ ଶୁଣି ଶୁଣି ସଂସାର ପ୍ରତି ଥିବା ଆମ ଆସକ୍ତି ଭାବ ଧୀରେ ଧୀରେ ଅପସରି ଯିବ।

**ଉତ୍ତର -** କେବଳ ଶୁଣିବା ଦ୍ବାରା ନୁହେଁ, ବରଂ ଜୀବନରେ ଏସବୁକୁ ପ୍ରୟୋଗରେ ଆଣି ପାରିଲେ ମୋହ ମାୟାରୁ ମୁକ୍ତି ମିଳିପାରିବ।
**ଯତନ୍ତୋ ଯୋଗିନଶ୍ଚୈନଂ ପଶ୍ୟନ୍ତ୍ୟାତ୍ମନ୍ୟବସ୍ଥିତମ୍।**
**ଯତନ୍ତୋଽପ୍ୟକୃତାତ୍ମାନୋ ନୈନଂ ପଶ୍ୟନ୍ତ୍ୟଚେତସଃ।।**

**ପ୍ରଶ୍ନକର୍ତ୍ତା -** ଗୀତା ଦିଦି

**ପ୍ରଶ୍ନ -** ଭାଇ ଏମିତି ସମ୍ଭବ ହେବ କି, ଆମେ ପ୍ରତ୍ୟହ ଅତି କମ୍ ରେ ତିନୋଟି ଶ୍ଳୋକର ବିବେଚନ ଆପଣଙ୍କ ମୁହଁରୁ ଶୁଣି ପାରିବୁ ?

**ଉତ୍ତର -** ହଁ ଆଜ୍ଞା, ବିବେଚନ ପୋର୍ଟାଲ୍ କୁ ଗଲେ ମୁଁ କହିଥିବା ସମସ୍ତ ବିବେଚନ ଆପଣଙ୍କୁ ଲିଖିତ ତଥା ରେକର୍ଡେଡ୍ ସଂସ୍କରଣରେ ମିଳିଯିବ। ଆପଣ ସେସବୁ ନିଜ ସୁବିଧା ଅନୁସାରେ ଶୁଣିପାରିବେ।

**ପ୍ରଶ୍ନକର୍ତ୍ତା -** ରାଜେଶ୍ ଭାଇ

**ପ୍ରଶ୍ନ -** ଗତ ଅଗଷ୍ଟ ମାସରେ ମୋର ମାଆଙ୍କର ଦେହାନ୍ତ ହୋଇଗଲା। ଏବେ ପରିବାରରେ ମାର୍ଗ ଦର୍ଶନ କରାଇବା ବାଲା କେହି ନାହାନ୍ତି। ତେଣୁ ମୁଁ ଜାଣି ପାରୁନି କି ମୋର ପିତାଙ୍କ ଶ୍ରାଦ୍ଧ ମୁଁ ଏହି ସମୟରେ କରିବା କଥା କି ନୁହେଁ ?

**ଉତ୍ତର -** ଅଶୌଚ ତେରଦିନ ପରେ ଶ୍ରାଦ୍ଧ କର୍ମ ନିଶ୍ଚିତ କରିବା ଉଚିତ। ଏହା ଶାସ୍ତ୍ରରେ କୁହାଯାଇଛି।

**ପ୍ରଶ୍ନକର୍ତ୍ତା -** ଖୁସବୁ ଦିଦି

**ପ୍ରଶ୍ନ -** ପିଲାମାନଙ୍କୁ ଗୀତା ପାଠ କରାଇବାକୁ ଚାହୁଁଛି କିନ୍ତୁ ପିଲାମାନେ ପ୍ରଶ୍ନ କରୁଛନ୍ତି, ଭଗବାନ ଶ୍ରୀକୃଷ୍ଣ ସ୍ୱୟଂ ନିଜର ପ୍ରଶଂସା କରିଛନ୍ତି ଏହା କଣ ଉଚିତ୍? ଏହାର ଉତ୍ତର ଆମ ପାଖରେ ନାହିଁ। ପୂଜା ପାଠରେ ମନ ଲାଗୁନାହିଁ, ଜପରେ ମନ ଲାଗୁଛି ଏହା କ'ଣ ଠିକ୍ ?

**ଉତ୍ତର -** ଆପଣ ପିଲାମାନଙ୍କୁ ଗୀତା ପାଠ କରାଇବାକୁ ବୁଝାଇବା ଅପେକ୍ଷା ପୁରସ୍କାର ଦେଇ ଗୀତାର ଗୋଟିଏ ଗୋଟିଏ ଶ୍ଳୋକ କଣ୍ଠସ୍ଥ କରାନ୍ତୁ । ଏବଂ ଆପଣଙ୍କ ମନ ନାମ ଜପରେ ଲଗାନ୍ତୁ, ଏହା ବହୁତ ଭଲକଥା। କାରଣ ଭକ୍ତି ନଅ ପ୍ରକାର କୁହାଯାଇଛି। ଯେଉଁ ଭକ୍ତି ଆଡ଼କୁ ଆପଣଙ୍କ ମନ ଅଧିକ ମାତ୍ରାରେ ଆକୃଷ୍ଟ ହେଉଅଛି ,ସେ ହିଁ ମୁଖ୍ୟ ଭକ୍ତି । କିନ୍ତୁ ଆପଣ ଭକ୍ତିର ପରିମାଣ ଅଧିକ ମାତ୍ରାରେ ବୃଦ୍ଧି କରନ୍ତୁ।

ଗୋଟିଏ ନିୟମ କରିଦିଅନ୍ତୁ ଏତିକି ସଂଖ୍ୟାର ଜପ କରି ରାତ୍ରୀରେ ବିଶ୍ରାମ ନିଅନ୍ତୁ। ଏମିତି ନ ହେଉ, ଅନ୍ୟ ପୂଜା ଛାଡି ଦେଇଥିବେ, ଏପଟେ ନାମ ଜପ ଅଧିକ ମାତ୍ରାରେ ବୃଦ୍ଧି କରିପାରୁନଥିବେ । ତାହେଲେ ଜୀବନର କିଛି କଲ୍ୟାଣ ହେବନାହିଁ।

**ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୁ ଉପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ(ୟାଁ) ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ପୁରୁଷୋତ୍ତମୟୋଗୋ ନାମ ପଞ୍ଚଦଶୋଽଧ୍ୟାୟଃ॥**

---

ଆମେ ବିଶ୍ବାସ କରୁଛୁ ଯେ ଆପଣଙ୍କୁ ବିବେଚନର ରଚନା ପଢି ଭଲ ଲାଗିଥିବ । ଦୟାକରି ନିମ୍ନ ଲିଖିତ ଲିଙ୍କ ମାଧ୍ୟମରେ ଆମକୁ ଆପଣଙ୍କ ପ୍ରତିକ୍ରିୟା ଅବଗତ କରାନ୍ତୁ ।

https://vivechan.learngeeta.com/feedback/

**ବିବେଚନ-ସାର ଆପଣ ପାଠ କଲେ, ଧନ୍ୟବାଦ !**

ଆମେ ସମସ୍ତ ଗୀତା ସେବୀ , ଅନନ୍ୟ ମନରେ ପ୍ରୟାସ କରୁଛୁ ଯେ ବିବେଚନର ବିଷୟବସ୍ତୁ ଆପଣଙ୍କ ପର୍ଯ୍ୟନ୍ତ ଶୁଦ୍ଧ କଳେବରରେ ପହଞ୍ଚୁ । ଏହାପରେ ମଧ୍ୟ କଥନୀ କିମ୍ବା ଭାଷା ସମ୍ବନ୍ଧୀୟ କୌଣସି ତ୍ରୁଟି ପାଇଁ ଆମେ କ୍ଷମା ପ୍ରାର୍ଥୀ ।

---

**ଜୟ ଶ୍ରୀକୃଷ୍ଣ!**

ସଂକଳନ- ଗୀତା ପରିବାର - ରଚନାତ୍ମକ ଲେଖନ ବିଭାଗ

---

**ପ୍ରତି ଘରେ ଗୀତା, ପ୍ରତି କରେ ଗୀତା**

ଆସନ୍ତୁ ଆମେ ସମସ୍ତେ ଗୀତା ପରିବାରର ଏହି ଧ୍ୟେୟ ସହିତ ଜୋଡି ହୋଇଯିବା, ଏବଂ ନିଜର ବନ୍ଧୁ ସୋଦର - ମିତ୍ର-ପରିଚିତ ବର୍ଗଙ୍କୁ ଗୀତା ଶ୍ରେଣୀର ଉପହାର ଦେବା ।

https://gift.learngeeta.com/

---

ଗୀତା ପରିବାର ଗୋଟିଏ ନୂତନ ଶୁଭାରମ୍ଭ କରିଛି । ବର୍ତ୍ତମାନ ଆପଣମାନେ ସମସ୍ତ ପୂର୍ବତନ ବିବେଚନର ୟୁଟ୍ୟୁବ ଭିଡିଓ ଏବଂ ପିଡିଏଫ୍ ଗୁଡିକୁ ବି ଦେଖି ଏବଂ ପଢି ପାରିବେ ।ଦୟାକରି ନିମ୍ନରେ ଦିଆଯାଇଥିବା ଲିଙ୍କର ଉପଯୋଗ କରନ୍ତୁ ।

https://vivechan.learngeeta.com/

---

**।। ଗୀତା ପଢନ୍ତୁ, ପଢାନ୍ତୁ, ଜୀବନରେ ଆପଣାନ୍ତୁ ।।**

**।। ଓଁ ଶ୍ରୀ କୃଷ୍ଣାର୍ପଣମସ୍ତୁ ।।**